ଅନେକ ଲୋକ କହନ୍ତି ଯେ, ପଳିତ ଗୋ-ମାତାଙ୍କ ଶବରେ ଅସ୍ତ୍ର ପ୍ରୟୋଗ ସମ୍ପୂର୍ଣ୍ଣ ଅନ୍ୟାଯ୍ୟ କାର୍ଯ୍ୟ, ଏଣୁ ଗୋଶବକୁ ନୀଚଜାତୀୟ ଲୋକଙ୍କ କରଗତ ହେବାକୁ ନ ଦେଇ ଭୂମିରେ ପୋତି ପକାଇବା ସମ୍ପୂର୍ଣ୍ଣ ଯୁକ୍ତିସଙ୍ଗତ ଅଟେ । ପୁଣି ଓ କଟକ ନଗରର ହିନ୍ଦୁମାନେ ସ୍ଥାନାଭାବ ହେତୁ, ଗୋଶବ ବ୍ୟବସ୍ଥାର ଅନ୍ୟ କୌଣସି ଉପାୟ ନ ପାଇ ବାଧ ହୋଇ ତାହା-ମାନଙ୍କୁ ପ୍ରଦାନ କରନ୍ତି, ଏହା ସମସ୍ତେ ଅବ-ଗତ ଅଛନ୍ତି ।

ଆମ୍ଭମାନଙ୍କ ପ୍ରାଚୀନ ଶାସ୍ତ୍ର କହୁଅଛି, ଯେ ଜୀବିତାବସ୍ଥାରେ ଗୋ । ଯେପରି ପୂଜ୍ୟ, ତାହାର ମୃତ ଶବ ସେପରି ହୋଇ ନ ପାରେ ଗୋଶବରେ ଅସ୍ତ୍ରାଘାତ ଶାସ୍ତ୍ରବିରୁଦ୍ଧ ବୋଲି ଧାଇ ନ ପାରେ । ଗୋଚର୍ମରେ ପାଦୁକା ପ୍ରସ୍ତୁତ କରିବା ସନ୍ନ୍ୟାସୀମାନଙ୍କୁ ପ୍ରଦାନ କରି ବାର କଥା ଶାସ୍ତ୍ରରେ ଅଛି । ଗୋଚର୍ମରେ ଅସ୍ପୃ-ଶ୍ୟତା ନିଷେଧ ଥିଲେ ମୃଦଙ୍ଗ, ପଖାଉଜ, ଢକ୍କାଦି ପ୍ରଭୃତି ବାଦ୍ୟଯନ୍ତ୍ର ପ୍ରସ୍ତୁତ ହୋଇ ପାରନ୍ତା ନାହିଁ । ଭାରତବର୍ଷରେ ଏପରି ହିନ୍ଦୁ ଦେବାଳୟ ଲକ୍ଷିତ ହେବ ନାହିଁ ଯେଉଁଠାରେ ଉକ୍ତ ବାଦ୍ୟ ଅବା ଚର୍ମଜାତୀୟ ବାଦ୍ୟ ସବୁ ପର୍ବାଦିରେ ଦେବାଳୟ ମଧ୍ୟରେ ସ୍ଥାନ ପ୍ରାପ୍ତ ନ ହୁଏ ।

ନୀଚଜାତୀୟ ଲୋକେ ପ୍ରସ୍ତାବ କରୁଅଛନ୍ତି ଗୋଶାଳାରୁ ଗୋଶବ ଗ୍ରହଣ କରି ପ୍ରତ୍ୟେକ ଶବ ନିମନ୍ତେ ଦୁଇଟଙ୍କା ପ୍ରଦାନ କରିବେ । ଉକ୍ତ ମୃତଶବ ପରିବର୍ତ୍ତରେ ପ୍ରାପ୍ତ ମୁଦ୍ରା ସାହା-ଯ୍ୟରେ ଜଂଶାରମାନଙ୍କ କବଳରେ ପତିତ ଜୀବିତ ଗୋମାନଙ୍କ ସତ୍ୟ ମୃତ୍ୟୁମୁଖରୁ ଉଦ୍ଧାର କରି ଗୋଶାଳାରେ ସ୍ଥାନଦାନ କରି ପାଇ-ପାରେ କମ୍ପ ଉକ୍ତ ମୁଦ୍ରା ଗୋଶାଳାର ଅନ୍ୟ ଗୋମାନଙ୍କ ପାଳନ କାର୍ଯ୍ୟରେ ବ୍ୟୟିତ ହୋଇ ପାରେ ।

ଏପରି ଅବସ୍ଥାରେ ଗୋରକ୍ଷିଣୀ ସଭାର ସଭ୍ୟମାନେ ଉତ୍କଳ ପ୍ରଦେଶର ପଣ୍ଡିତମଣ୍ଡଳୀଙ୍କ-ଠାରେ ପ୍ରାର୍ଥନା କରୁଅଛନ୍ତି ଯେ ସେମାନେ ଏହି ବିଷୟରେ ଉପଦେଶ ପ୍ରଦାନ କରି ଉପ କୃତ କରିବା ହେବେ ।

ଗୋଶାଳାରେ ଏପର୍ଯ୍ୟନ୍ତ ପ୍ରାୟ ଗୋ ୭୦ ଟି ପୁଂବତ୍ସ ଜନ୍ମ ଲାଭ କରିଅଛନ୍ତି । ସମସ୍ତେ ଅବ-ଗତ ଅଛନ୍ତି ଗୋ ୩୫ ଟି ଗ୍ରାମରେ ଗୋଟିଏ ଷଣ୍ଢ ଥିଲେ ତାକୁ ସମ୍ଭାଳିବା କଷ୍ଟକର ହୁଏ । ଏପରି ଅବସ୍ଥାରେ ଗୋ ୭୦ ଟି ଷଣ୍ଢକୁ ସମ୍ଭା-ଳିବା କେତେଦୂର କଠିନ ବ୍ୟାପାର । ଷଣ୍ଢକୁ ବନ୍ଧ୍ୟାକରିବା ଶାସ୍ତ୍ରବିରୁଦ୍ଧ ହେଲେହେଁ ଦେଶାଚାର ବିରୁଦ୍ଧ ନୁହେ । ପ୍ରୟୋଜନ ଉପଯୋଗୀ ପୁଂବତ୍ସକୁ ଗୋଶାଳାରେ ରଖି ଅବଶିଷ୍ଟଙ୍କୁ ବଳଦ କରି ଦିଆଯାଇ ପାରେ କି ନାହିଁ ? ଏହିପ୍ରକାର ଉକ୍ତ ବଳଦ ସାହାଯ୍ୟ ଦେଇ କୃଷିକାର୍ଯ୍ୟ କରା-ଯିବ କି ନାହିଁ ? ଅର୍ଥବାନ୍ ପ୍ରଜାଙ୍କୁ କୃଷି କାର୍ଯ୍ୟରେ ବଳଦ ସାହାଯ୍ୟ ପ୍ରଦାନ କରି ଅର୍ଥ ଗ୍ରହଣ ପୂର୍ବକ ଉକ୍ତ ଅର୍ଥ ଗୋଶାଳାରେ ଗୋ ମାନଙ୍କ ରକ୍ଷଣ କାର୍ଯ୍ୟରେ ବ୍ୟୟ କରାଯିବ କି ନାହିଁ ? ଏ ବିଷୟରେ ମଧ୍ୟ ପଣ୍ଡିତମଣ୍ଡଳୀ ସ୍ବୀୟ ମତ ପ୍ରକାଶ କରି ସଭ୍ୟମାନଙ୍କୁ ଉପକୃତ କରିବେ ।

ବଶମ୍ବଦ

ଶ୍ରୀ ଗୋପାଳଚନ୍ଦ୍ର

ଭ୍ରମ ସଂଶୋଧନ ।

ତା ୮।୯।୦୬ ରଖର ଉତ୍କଳଦୀପିକାରେ ମିସ୍ଥପ୍ରାପ୍ତିରେ ବାଣ୍ଟାଳିଆ ମହାନ୍ତି ଙ୍କ ପଡ଼ା ପରିବର୍ତ୍ତେ ପାଇକପଡ଼ା ୫୧ ଙ୍କା ପଢ଼ିବାକୁ ହେବ ।

ମୂଲ୍ୟପ୍ରାପ୍ତି ।

ଶ୍ରୀଯୁକ୍ତ ବାବୁ ମୁକୁନ୍ଦ ଦାସ କଟକ		ଟ ୧
„ ପଦ୍ମନାଭ ମାଝୀ ଗଞ୍ଜାମ		ଟ ୩
„ ସଚ୍ଚିଦାନନ୍ଦ ଦାଶ ବାଣପୁର	ସୁଯ	ଟ ୨
„ କପିଳ ଚରଣ ଦାସ କଟକ		ଟ ୨
„ ଏଲାଇଜ ଜଜ ହୋ କ୍ଲର୍କ ଲେଃ ଅଫିସ		ଟ ୧
„ ଜଗବନ୍ଧୁ ମହାନ୍ତି କଟକ		ଟ ୧୮
„ ଚନ୍ଦ୍ରମଣି ରାଜ୍ୟ ବାଲପଣା		ଟ ୧
„ ବାମଦେବ ମହାନ୍ତି କୃଷ୍ଣଗଡ଼ା		୨ ୩
„ ଗୋକୁଳଚନ୍ଦ୍ର ରାଉତ ମେଡ଼ିକାଲ ଗଞ୍ଜା		ଟ ୩
„ ଗୋବିନ୍ଦଚନ୍ଦ୍ର ମିଶ୍ର ଅନନ୍ତପୁର ଜେଲ୍ ସଡ଼		ଟ ୨
„ ଶ୍ରୀ, ଡି,ପି,ଡ ମହାଦେବ ଅଗ୍ରଦେଶର		ଟ ୩
„ ଲକ୍ଷ୍ମୀଧର ରାଯ଼ଙ୍କ ଭୂତପା		ଟ ୩
„ ରାଜକିଶୋର ଦାସ ବାଲେଶ୍ୱର		ଟ ୧୬

NOTICE

Is hereby given, *warning* the Mahajans and Boatsmen plying their boats in the Chilka Lake, to keep their boats at least one mile away from the mouth of the lake between Manikpatna and Arakh-Kood on the Southern or sea side bank, as the current of water to the sea is too strong there.

Bishan Swarup
14-9-06 Executive Engineer
Mahanadi Division

ବିଜ୍ଞାପନ ।

ଶେଷଥର ଅତି ଶସ୍ତା ଦରରେ ବିକ୍ରୟ !

ଅର୍ଦ୍ଧମୂଲ୍ୟ, ଅର୍ଦ୍ଧମୂଲ୍ୟ, ଅର୍ଦ୍ଧମୂଲ୍ୟ

ଏପରି ଅମୂଲ୍ୟ ସୁଯୋଗ ଛାଡ଼ ନାହିଁ କେବଳ ଏହିମାସ ଭିତରେ ଏହି ଦର ଥିବ ।

ରାଣୀ ମୁଦି

ଏହା ହୀରାଖଚିତ ଏବଂ ଅତି ସୁନ୍ଦର ମୁଦି ଅଟେ । ଏହା ଅସଲ ଇଂଲଣ୍ଡ କେମିକେଲ ଗୋଲ୍ଡରେ ନିର୍ମିତ, ବର୍ଣ୍ଣ ଏବଂ ଉଜ୍ଜ୍ୱଳତାରେ ଉତ୍କୃଷ୍ଟ ସୁନାପରି ଦିଶେ ଏବଂ ଏଥିରେ ଲଗା ସ୍ତନ ହିରା ସଦୃଶ ଦିଶେ । ଏଥିର ନକଲ ଜହରତମାନ ଅସଲଠାରୁ କୌଣସି ଅଂଶରେ କମ ନୁହେଁ । ପ୍ରତି ମୁଦିର ମୂଲ୍ୟ ଟ ୧୧ ଙ୍କା ଅର୍ଦ୍ଧମୂଲ୍ୟ ଟ ୦ ।୮ ଅଣା ମାତ୍ର ।

ବିନା ମୂଲ୍ୟରେ ଉପହାର — ଏହି ମାସ ଭିତରେ ୬ ଟି ମୁଦି କ୍ରୟ କଲେ ୧ ଟି ବିନା ମୂଲ୍ୟରେ ଦିଆଯିବ ଗୋଟିଏ ସୁନ୍ଦର ଘଡ଼ି ଉପହାର ମିଳିବ । ଏହାକୁ ସଠିକ ଟାଇମ ରକ୍ଷା କରେ ଓ ଏହାର ରେଗୁଲେଟର ଅଛି । ଏହା ବାଜାରରେ ଟ ୬ ଙ୍କା ମୂଲ୍ୟରେ ମିଳେ । ପ୍ୟାକିଂ ଏବଂ ଡାକ ମାସୁଲ ଟ ୦ ।୮ ଅଣା ସ୍ୱତନ୍ତ୍ର ।

ଲିଭର ରେଲଓ୍ୱେ ରେଗୁଲେଟର ଘଣ୍ଟା

ଏହା ୨୮ ଘଣ୍ଟା ଚାଲେ । ଏହାକୁ ଥରେ ଦମ ଦେଲେ ୨୮ ଘଣ୍ଟା ଚାଲେ ଏହାର ଡାଏଲ୍ ଉପରେ ଚମକ ଥିବା କଣ୍ଟା ପ୍ରକୃତ ପ୍ରକାଶ ପାଏ ନାହିଁ, ତାହା-ଭଲ ସୁନ୍ଦର କାମ ହୁଏ । ସଦା ସ୍ବଚ୍ଛ ବ୍ୟବହାର କଲେ ସମୟ ଠିକ ରହେ ନାହିଁ ପୁରସ୍କାର ଅଟେ । ଗ୍ୟାରେଣ୍ଟି ଏବଂ ଅନେକ ବର୍ଷ ଠିକ ଚାଲେ ଜାଣି ଥିବା ଗ୍ରାହକମାନଙ୍କୁ ଏହା ମୂଲ୍ୟ ଟ ୨।୮ ଅଣା ମାତ୍ର । ପ୍ୟାକିଂ ଏବଂ ଡାକ ମାସୁଲ ଟ ୦ ।/ ଚାରି ଅଣା ସ୍ୱତନ୍ତ୍ର ।

ଅର୍ଡର ପଠାଇବା ବେଳେ ନିଜର ନାମ ଓ ଧାମ ସ୍ପଷ୍ଟରୂପେ ପରିଷ୍କାର କରି ଇଂରାଜୀରେ ଲେଖିବ, ଭିଃ ପିଃରେ ମାଲ ପଠାଯିବ ।

Apply to the Manager
The Anglo-Vernacular Trading Co.,
17 U. D. Kapalee Tollah
BOWBAZAR CALCUTTA

Split by PDF Splitter
Digitized by srujanika@gmail.com

Split by PDF Splitter

ବିଜ୍ଞାପନ ।

କଠିନ ପରୀକ୍ଷାରେ ସିଧାନ୍ତ

ପାଦ୍ ରଅଙ୍କ୍ ମହୌଷଧି,—ଏ

ଜ୍ୱରର ଶାନ୍ତ ରୋଗର ଏହାହିଁ ଅବ୍ୟର୍ଥ ମହୌଷଧ । ଏହା ଦୋଳା ଖିଆଇଲେ ଅତି ଅଳ୍ପ ସମୟ ମଧ୍ୟରେ ରୋଗ ଭଲ ହୋଇଯାଏ । ଆଉ କେବେ ସେ ଶରୀରରେ ରୋଗ ଦେଖା ଯାଏ ନାହିଁ । ସମସ୍ତ ଉତ୍କଳଖଣ୍ଡ ଛଡ଼ା ଭାରତବର୍ଷର ଅନେକ ସ୍ଥାନର ବହୁ ସମ୍ଭ୍ରାନ୍ତ ବ୍ୟକ୍ତି ଏହାକୁ ଏକ ମହୋପକାରୀ ଔଷଧ ଅଟେ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଅଛନ୍ତି । ଏ ଔଷଧରେ ଏ ବର୍ଷକୁ ପ୍ରାୟ ୫୦ ହଜାର ଲୋକ ଭଲ ହୋଇଅଛନ୍ତି ।

ମୂଲ୍ୟ ୧ ଡବା ୮ ୦ ୬, ୩ ଡ ୧୯, ୬ ଡ ୨୧
୧୨ ୦ ୩ ୯

ବାଲ୍ଲୁର ମହୌଷଧି— ଏହି ଔଷଧର

ଅର୍ଦ୍ଧ ରୋଗ ଅତ୍ୟାଧିକ ଦେଖି ଅନେକ ଲୋକ ଭୟରେ "ଏହା ବ ଜୌଣସି ମହୌଷଧ ଅଟେ" ଏହି ଔଷଧ ସେ ପ୍ରକାର ନାହିଁ, ସେ ପ୍ରକାର ଚର୍ମରୋଗ, ସେ ପ୍ରକାର ଖଣ୍ଡ ଏହା ସେ ପ୍ରକାର ଶା ହେଉ ବ୍ୟବହାର କରି ଦେଖିଲେ ବୁଝିବ ଅର୍ଦ୍ଧ ରୋଗ ହେବ । ଔଷଧ ବ୍ୟବହାର କରେ ଅକାମ କ ହୁଏ ନାହିଁ ।

ମୂଲ୍ୟ ୧ ଡବା ୮ ୦ ୨, ୩ ଡ ୧୦, ୬ ଡ ୨
୧ ୮ ୪ ୯

ବଳ୍ପଚନ୍ଦ ବା ବଲ୍ଲବନ୍ଧି—

ସମଗ୍ର ଶରୀରର ଏହାଦ୍ୱାରା ଏହା ସଦାରେ ହୋଇ ଓଜନ ବୃଦ୍ଧି ଏବଂ ବଳ ସ୍ୱଚ୍ଛନ୍ଦତା ହୁଏ । ଏହାଦ୍ୱାରା ଦୁର୍ବଳ ବହୁ ଖାଦ୍ୟ ଭରେ କୌଣସି ପ୍ରକାର ଉତ୍ପାତ ହୁଏ ନାହିଁ । ଏହା ସମସ୍ତ ବୃଦ୍ଧମାନଙ୍କ ମନ ପ୍ରାଣ ମୋହିତ କରଇ । ଏହାର ଅଧିକ ବେଳେଜୁଳ ସୁଗ୍ରଣ ଅଛି ।

ମୂଲ୍ୟ ୧ ଡବା ୮ ୦ ।, ୩ ଟି ୦ ୧୯, ୬ ଟି ୧୯, ୧୨ ଟ ୨୯ ଭୂଲଟବା ।

ଔଷଧ ଇଚ୍ଛାର୍ଥୀ ମାନଙ୍କେ ଅପଣା ନାମ, ଗ୍ରାମ, ଡାକଘର, ଜିଲା ସହିତ ବାହାକ ଦେଉ ଔଷଧ ଦେବେ ଦବା ଅବଶ୍ୟ ଖୁବ୍ ଭଲ ଲେଖିବେ ।

ପ୍ରାପ୍ତିସ୍ଥାନ ।

ଶ୍ରୀ ରମାନାଥ ସେନ
ଦେବ ଉତ୍କଳକ୍ଷେତ୍ର, ବା ନାଣିକଣମ୍ ସ୍ଥିତ, ବାଲେଶ୍ୱର

ଉଣ୍ଟପୁର ନିବାସୀ ଜଗପ୍ରଭ ଶ୍ରୀ ଲକ୍ଷ୍ମୀଦେବୀ ମହାପାତ୍ରଙ୍କର ଆବିଷ୍କୃତ ଗୁଣ ଏକମାତ୍ର

ଅବ୍ୟର୍ଥ ମହୌଷଧ ।

ବହୁକାଳ ଓ ବହୁ ସ୍ଥଳରେ ବାତବ୍ୟାଧିର ଏକମାତ୍ର ମହୌଷଧ ଭି ପତାର ହୋଇ ଅବସ୍ଥାନ କରୁଅଛି । ଏ ଔଷଧ ସେବନର ଏକ ସପ୍ତାହ ମଧ୍ୟରେ ଅଳ୍ପ ବାତରେ ରହିବ ନାହିଁ । ଏହାଛଡ଼ା ଏ ଔଷଧ ସେବନଦ୍ୱାରା ଏକ ବର୍ଷ ଲୋକେ ରୋଗରୁ ମୁକ୍ତି ଲଭିବାକୁ ହେବ । ଅନେକ ବାତବ୍ୟାଧିରୋଗୀ ଏହି ଔଷଧ ସେବନ କରି ଅପାଗର ଫଳଲାଭ କରିଅଛନ୍ତି । ତାହାର ପ୍ରମାଣ ସ୍ୱରୂପ ନିମ୍ନରେ କେତେକ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କର ପ୍ରଶଂସାପତ୍ର ସାଧାରଣଙ୍କ ଜଣାଇବାକୁ ନିମ୍ନରେ ପ୍ରକାଶିତ ହେଲ ଔଷଧ ସେବନର ନିୟମାବଳୀ ଔଷଧ ସଙ୍ଗେ ପ୍ରାପ୍ତବ୍ୟ

ଔଷଧର ମୂଲ୍ୟ

୧ ଡବା ଗୋ ୩୦ ଟି ବଟିକାର ମୂଲ୍ୟ ୫ ୨ (ଟଙ୍କା
ଡାକ ମାଃ ୫ ୦ ।୵
୬ ଟ ବାର ମୂଲ୍ୟ ୫ ୧୦ (ଟଙ୍କା

ପ୍ରାପ୍ତିସ୍ଥାନ—ଜଗପ୍ରଭ ଶ୍ରୀ ଲକ୍ଷ୍ମୀଦେବୀ ମହାପାତ୍ର
ଅସୁବୋଧଦଳଶାଳା ।
ପିରଙ୍ଗିବଜାର, କଟକ ।

ପ୍ରଶଂସାପତ୍ର ଯଥାକ୍ରମେ

ମୋର ବାତବ୍ୟାଧି ହୋଇଥିଲା ଏବଂ ବ ବହୁଁ ଦେ ପ୍ରାୟ ଜନମାସ ପର୍ଯ୍ୟନ୍ତ କଷ୍ଟଭୋଗ କରିବାକୁ ହୋଇଥିଲା ଅବଶେଷ ଲକ୍ଷ୍ମୀଦେବ ମହାପାତ୍ର ମୋତେ ଔଷଧ ଦେଲେ ତାହା ମୁଁ ବ୍ୟବହାର କଲି ଅଳ୍ପଦିନ ସେବନ କରିବା ଉତ୍ତାରୁ ଏବେ ଉପକାର ପାଇଅଛି । ମୋହର ବାତରେ ପଡ଼ ହୋଇ ନାହିଁ । ତାହାର ବଳ୍ପ ଗତକୀ କରୁ ସାଧାରଣ ରେଗ ଲାଭ ବା ବହୁ ପାଇଲେ ନାହିଁ । ଏବେ ଏହି ଔଷଧରେ ଉପକାର ହେବ ବୋଲି ମୋର ଦୃଢ଼ ବିଶ୍ୱାସ ।

୧୧-୧୧-୦୫ } Sd. Sudam Chandra Naik,
Asstt. Supdt. of Tributary
Mahals.

ଉଣ୍ଟପୁର ନିବାସୀ ପ୍ରଭିତ କବିରାଜ ଶ୍ରୀ ଲକ୍ଷ୍ମୀଦେବ ମହାପାତ୍ରଙ୍କର ଶ୍ରୀ ହସ୍ତର ଔଷଧ ସେବନଦ୍ୱାରା ସେହିର କୌଣସି ଅସୁସ୍ଥ ଦେଖେ ଉପକାର କରିଅଛନ୍ତି । ଅତଏବ ଏହା ସାଧାରଣଙ୍କ ବାତବ୍ୟାଧି ଏବଂ ଉତ୍ତମ ଔଷଧ ବୋଲି ମନ୍ତବ୍ୟ କରୁଛି ।

କଟକ
୧ । ୧୧ । ୦୫ } ଶ୍ରୀ ରାମଚନ୍ଦ୍ର ଦାସ
ଡେପୁଟି କଲେକ୍ଟର

ଅନେକ ଦିନରୁ ମୋର ଏକମାସ ମଧ୍ୟରେ ବାତରୋଗ ପର୍ଯ୍ୟନ୍ତ ଅଶାନ୍ତି ହୋଇଥିଲି । ଅନେକ ଲକ୍ଷ୍ମୀଦେବ ମହାପାତ୍ରଙ୍କ ଶ୍ରୀହସ୍ତର ଦିଆ ଔଷଧ ବ୍ୟବହାର କରିବା ପରେ ବହୁ ଉପକାର ହୋଇ ନାହିଁ । ବାତରୋଗର ଔଷଧ ନ ଥିବାରୁ ସାଧାରଣରେ ଅଶାନ୍ତି ହେଉଥିଲା ମାତ୍ର ଏଥିରେ ମହାପାତ୍ର ମହାଶୟ ଉକ୍ତ ଔଷଧ ଆବିଷ୍କାର କରି ସାଧାରଣଙ୍କର ବିଶେଷ ଉପକାର କରିଅଛନ୍ତି । ସେ ରୋଗୀମାନଙ୍କୁ ଲେଖିବାକୁ ଉକ୍ତ ବ୍ୟକ୍ତିଙ୍କ ବ୍ୟବହାର କରି ଉଚିତ ବ ଫଳ ହେଉଅଛି ତାହା ଦେଖି ଉପକାର ଅନେକ ପ୍ରାର୍ଥନା କରୁଅଛି ।

ତା ୧୨ ଏପ୍ରିଲ ୧୯୦୫ ସାଲ } ଶ୍ରୀ ନାରାୟଣ ଦାସ
ଉକିଲ

ଜଗପ୍ରଭ ଲକ୍ଷ୍ମୀଦେବ ମହାପାତ୍ରଙ୍କ ଦ୍ୱାରା ଦିଆ ମୁଁ ଓ ମୋହର ବେଳେ ବହୁ ଦିନରୁ ବାତ ଅଶାନ୍ତ ଥିଲୁ ଭଲ ହୋଇଅଛୁଁ । ଏ ଔଷଧ ସେବନ କଲେ ବାତର ଆଉ ହେବ ନାହିଁ ମୋହର ବିଶ୍ୱାସ ଏହା । ଅନ୍ୟ ରୋଗୀମାନେ ଏହାକୁ ଉଷ୍ଣ ଜଳରେ ଔଷଧ ବ୍ୟବହାର କରି ଚାହିଁ ମୁଁ ସାନନ୍ଦ ଅନୁରୋଧ କରୁଅଛି ।

Sd. Gourshyam Mahanit
Govt Agent,
7-11-05   of Nayagarh.

IT'S SO EASY TO NEGLECT THAT COLD!

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon Major Jayakar says:—That it is, a safe and reliable remedy.

Batliwalla& Co's Cholerol, specific tor cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the ade

ବିଜ୍ଞାପନ

ଜରୀପ ଓ ନକସାର ଯନ୍ତ୍ର ବିକ୍ରୟ ।

ଚିତ୍ରାଙ୍କନ ଓ ଜରିପ ଯନ୍ତ୍ର, ଫିତା, ଚେନ, ଗାଣ୍ଟିବାକ୍ସ ପେନ୍ସିଲ ଓ ରଙ୍ଗ ଅନୁମତିରେ ଓ ଅଙ୍କର ବାକ୍ସ, ଦଣ୍ଡା ଇତ୍ୟାଦି ସେଲ ପ୍ରସ୍ତୁତ କିଣ୍ଟା

ଏମ୍, ଆର, ଡେ ଏଣ୍ଡ ବ୍ରାଦର୍ସ ୨୯ ରାଧାବଜାର କଲିକତା
M. R. Day & Bros. 29, RadhaBazar Calcutta

ରବର ଷ୍ଟେମ୍ପ ।

ରବର ଷ୍ଟାମ୍ପ । ଆଉ ଇଲ୍ଟ୍ ସୂଚିତ ପେନ ଦେଖାବ ଜିନିଷପତ୍ର, ଇଣ୍ଡିଆ ଷ୍ଟେମ୍ପ, ଦେଶୀୟବାସୀଙ୍କ ଜାଲି, ଚିହ୍ନି ; ନାମ ଠିକଣା, ଚେକ, ଅକ୍ଷର, ସେବକଙ୍କ ଲାଗିଥିବାକୁ ଓ ରାଜା ସହିତ ।

ଉତ୍ତମ ଷ୍ଟମ୍ପ ୧୨ × ୧୫ ଇଞ୍ଚ ମୂଲ୍ୟ ପ୍ରତ୍ୟେକ ଶହ ୫ ୦ /୨ ତ୍ରିପଲିଶ, ଏକଛକେଦ୍ୱା ୫ ୧ ୯ ଟଙ୍କା ଏବ ୫ ଟଙ୍କା, ଦ୍ୱା ଟି ଗୃହର । ଅର୍ଡର ଦେଲେ ଶିଘ୍ର ଡାକଯୋଗ ଓ ପ୍ୟାକ ଦେଇ ପଠାଇ ଦେଉଥାଉଁ ।

ମଫସଲ ବା ଜଲା ସହରେ ଅର୍ଡର ଲେଖିବେ ଏମ୍, ଆର ଡେ, ଏଣ୍ଡ ବ୍ରାଦର୍ସ ୨୯ ରାଧାବଜାର କଲିକତା

M. R. Day and Bros,
29 Radhabazar
Calcutta

ଟିକ୍ ଦର୍ଶନଯନ୍ତ୍ରର ଛବି

୭ ୯ ଫଟୋଗ୍ରାଫ ଛବ (ଜଣେର ଦେଖିବା ଯନ୍ତ୍ରେ)
ଛଡ ଗଣ୍ଡର ୫ ୧୯ । ୭ ୨ ଖଣ୍ଡ ଫଟୋଗ୍ରାଫ ଛବ [ଜଣେର ଓ ଜଣେରେ ଦେଖିବା ଯନ୍ତ୍ରରେ] ଛଡ ଗଣ୍ଡର ୫ ୧୩ ଅଶିସ ଏବ ୫ ୧୯ ଟଙ୍କା ଦ ପଠାଇଲେ ସବୁ ଶହ ୫୦ ଦେ ଯୋଗ ହୁଏଥା

ଏମ୍, ଆର, ଡେ ଏଣ୍ଡ ବ୍ରାଦର୍ସ ୨୯ ରାଧାବଜାର କଲିକତା,
M. R Day & Bros. 29, RadhaBazar Calcutta

Digitized by srujanika@gmail.com

ଅତି ଆଶ୍ଚର୍ଯ୍ୟ ଗୀତଯନ୍ତ୍ର ।



ଏତଦ୍ଦ୍ୱାରା ଆମ୍ଭେମାନେ ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଯେ ଆମ୍ଭେମାନେ ଗ୍ରାମୋଫୋନ କମ୍ପାନୀଙ୍କର ଏଜେଣ୍ଟ ସ୍ୱରୂପ କଟକ ବାଲୁବଜାର ଯୁମାମସଜିଦ ନିକଟରେ ଗୋଟିଏ ଦୋକାନ ଖୋଲିଅଛୁଁ । ଏଠାରେ ନାନା ପ୍ରକାର ଗୀତଯନ୍ତ୍ର ଓ ସର୍ବପ୍ରକାର ଗୀତର ରେକଡ୍ ମାତ୍ର କମ୍ପାନୀ ଙ୍କର ନିର୍ଦ୍ଧାରିତ ଦରରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛୁ । ପ୍ରକାଶଥାଉ କି ଆମ୍ଭେମାନେ ବହୁ ଅର୍ଥ ବ୍ୟୟରେ ଓଡ଼ିଆ ଗୀତର ରେକଡ୍ ପ୍ରସ୍ତୁତ କରାଉଅଛୁଁ । ଗ୍ରାହକବର୍ଗ ଅଭିଳାଷ ଆମ୍ଭମାନଙ୍କ ଅନୁଗ୍ରହ ଦେଇ ବାଧିତ କରିବେ ।

ପ୍ରୁଷ୍ଟି ମୁଖର୍ଜି ଏଣ୍ଡ କୋମ୍ପାନି
ବାଲୁବଜାର
କଟକ

TRADE MARK "GRAMOPHONE"

PRUSTY MUKHERJEE
& CO.
BALUBAZAR
CUTTACK

GOOD NEWS! GOOD NEWS!!

A Horse-Brand Timepiece to be given free to every Purchaser of this watch American Lever watch, prize medal awarded, Paris Exhn. 1878, keyless, or Roman figure, runs 30 hours, strong, medium size. Gtd. for 4 yrs. Price Rs. 4-8 postage 8 As. S. SEN & Co. 8-2 Ram Krishna Bagchi's Lane P. o. Beadonsquare, Calcutta.

ପ୍ରେସ ବିଜ୍ଞାପନ ।

ଆମ୍ଭେ ଏତଦ୍‌ଦ୍ୱାରା ପ୍ରେସର ସ୍ୱଳ୍ପ ମୂଲ୍ୟ ... ସ୍ୱାସ୍ଥ୍ୟକର ସ୍ଥାନରେ ପ୍ରେସ ସ୍ଥାପନ କରିଅଛୁଁ ... ଇଂରାଜୀ, ଓ ଦେବନାଗରୀ, ଅକ୍ଷରରେ ... କାର୍ଡ, ଚେକ, ପୁସ୍ତକାଦି ସ୍ୱଳ୍ପମୂଲ୍ୟରେ ଅତ୍ୟ ... ଉତ୍ତମରୂପେ ମୁଦ୍ରିତ ହୋଇ ଗ୍ରାହକମାନଙ୍କ ଇଚ୍ଛାନୁଯାୟୀ ଦିଆଯାଉଅଛି । ଏହି ପ୍ରେସରେ ନାନା ପ୍ରକାର ଟାଇପ ... କର୍ମଚାରୀ, କର୍ମ୍ମକ ପ୍ରଭୃତି ଥିବାରୁ ଗ୍ରାହକମାନେ ... ଉଦ୍ଦେଶ୍ୟାନୁରୂପ କାର୍ଯ୍ୟ ପାଇପାରିବେ । ଗ୍ରାହକ ... ମାନଙ୍କର ଇଚ୍ଛା ଅନୁଯାୟୀ ପୁସ୍ତକ ଭି: ପି: ଦ୍ୱାରା ପଠାଯାଇ ପାରେ ।

ଶ୍ରୀ ଶୁକଦେବ ରାମ
କଣ୍ୟାବଜାର, କଟକ ।

WANTED

All to know that :—

The light of Asia Life Assurance Society, Limited

Head office :—VIZAGAPATAM

is neither a Provident Fund nor a so-called LIFE ASSURANCE Co.

Incorporated under the Indian Companies Act VI of 1882 and XII of 1895.

CAPITAL Rs. 50000.

Funds invested in the Indian Government Security only

The Society has been started chiefly to place the benefits of Assurance within the reach of middle and poor class of people. Assurances are granted on most approved and scientific Systems; Whole Life, Limited, payments and Endowment from 50 to 500 Rs. Children's Endowment most attractive and profitable. All policy holder perticipate in the profits of the society divided once in three years.

Loans granted on the security of th Policy. The rates are very low. For further particulars Prospectus and forms &c. Apply to —

General Manager

Wanted English knowing influential Agents. Liberal Salary and Commission.

ଆବଶ୍ୟକତା ।

ଲାଇଟ ଅଫ ଏସିଆ ଲାଇଫ ଏସିଓରେନ୍ସ କମ୍ପାନୀ ଲିମିଟେଡ଼ ।

ଏହା ପ୍ରଭିଡେଣ୍ଟ ଫଣ୍ଡ କିମ୍ବା ତଥା କଥିତ ଲାଇଫ ଏସିଓରେନ୍ସ କମ୍ପାନୀ ନୁହେ ।

ହେଡ଼ ଅଫିସ ଭିଜାଗାପଟ୍ଟମ ।

ଭାରତୀୟ କମ୍ପାନୀ ଏକ୍ଟ୍ ଭିଁ ୧୮୮୨ ସନ ୧୮୮୨ ସାଲର ୬ ନଂ ଏବଂ ସନ ୧୮୯୫ ସାଲର ୧୨ ନମ୍ବରରେ ରେଜିଷ୍ଟ୍ରି ହୋଇଅଛି।

ମୂଳଧନ ଟ ୫୦୦୦୦ ଟଙ୍କା

ଟଙ୍କା ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ସିକ୍ୟୁରିଟି କାଗଜରେ ରହିଅଛି ।

ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକମାନଙ୍କୁ ଏସିଓରେନ୍ସ କମ୍ପାନୀର ଲାଭର ଫଳଭୋଗୀ କରିବା ନିମନ୍ତେ ଏହି କାର୍ଯ୍ୟ ଆରମ୍ଭ କରାଯାଇଅଛି । ସର୍ବ ସମ୍ମତ ଏବଂ ବୈଜ୍ଞାନିକ ମତ ଅନୁସାରେ ଅଜୀବନ କିମ୍ବା ନିର୍ଦ୍ଦିଷ୍ଟ ପରିମାଣ ଅବଧି ଏବଂ ଟ ୫୦ ଟଙ୍କାଠାରୁ ଟ ୫୦୦ ଟଙ୍କା ପର୍ଯ୍ୟନ୍ତ ଏଣ୍ଡାଉମେଣ୍ଟ ମଞ୍ଜୁର କରାଯାଏ ଏସିଓରେନ୍ସ କରାଯାଏ । ପିଲାମାନଙ୍କର ନିମନ୍ତେ ଏଣ୍ଡାଉମେଣ୍ଟ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ଲାଭଜନକ । ଏହି କମ୍ପାନୀର ସମସ୍ତ କାଗଜ ଗ୍ରହଣକାରୀମାନେ ତିନି ବର୍ଷରେ ଏକଥର ବଣ୍ଟନ ହେଉଥିବା ଲାଭର ଅଂଶିଦାର ହୋଇଥାନ୍ତି । ଲୁପରୋକ୍ତ କାଗଜ ବନ୍ଧକ ରଖି ଅତି ଅଳ୍ପ ସୁଧରେ ଟଙ୍କା ଧାର ଦଆଯାଇଥାଏ । ନିୟମାବଳୀ ଫାରମ ଏବଂ ଅନ୍ୟାନ୍ୟ ବିଷୟ ଜାଣିବାକୁ ହେଲେ ନିମ୍ନ ଠିକଣାରେ ଆବେଦନ କରନ୍ତୁ

ଜେନେରଲ ମେନେଜର

ଇଂରାଜୀ ଜାଣିଥିବା ପ୍ରଭାବଶାଳୀ ଏଜେଣ୍ଟ ଆବଶ୍ୟକ ସେମାନେ ସମୁଚିତ ବେତନ ଏବଂ କମିଶନ ପାଇବେ ।

ବିଜ୍ଞାପନ ।

ନେତ୍ରାମୃତ ।

ଚକ୍ଷୁର ଶୀତ୍ କରା ଅଶ୍ରୁରେ ପଡ଼ିଲ ଅବ୍ୟର୍ଥ ହେବ, ... ଓ ଜୋଗାଣୁକ, ... ଦୃଷ୍ଟି ... । ୧ ଶିଶି ୧ ୬୧ ଙ୍କା ମାତ୍ର । ମଫସଲ ୧ ... ଟ ୬୧ ଙ୍କା

ଅବ୍ୟର୍ଥ ଭିତ୍ତିକ ମୃତବତ୍ସା କବଚ ।

ରଜିଣୀ ଓ ... ଶିଶୁର ... ଅଳ୍ପ ... ପ୍ରସବକରି ଓ ... ହେବ । ... ... ନାହିଁ । ... ଓ ... ।। ... ଟ ୨୩ ଟଙ୍କା ମାତ୍ର ।

ଶ୍ରୀ ...
... ଶ୍ରୀ ...

Split by PDF Splitter
Digitized by srujanika@gmail.com

କବିରାଜ ନଗେନ୍ଦ୍ରନାଥ ସେନଙ୍କ ଔଷଧ ବିଜ୍ଞାପନ ।

ଆୟୁର୍ବେଦୀୟ ନଗେନ୍ଦ୍ର ଔଷଧାଳୟ

କେଶରଞ୍ଜନ ତୈଳ

[illegible] ଔଷଧ । [illegible] ମୂଲ୍ୟ ପ୍ରତି ଶିଶି ଟ ୧୧ ମାସୁଲ ଟ ୦ ।୵

ନେୟବିନ୍ଦୁ ।

[illegible]

ମୂଲ୍ୟ ପ୍ରତି ଶିଶି ଟ ୧୧ ମାସୁଲ ଟ ୦ ।୵

[illegible] ମହୌଷଧ ।

[illegible]

[illegible] ମହୌଷଧ ।

[illegible]

Kaviraj N. N. Sen
Govt. Medical Deploma Holder,
18-1 & 19 Lower Chitpur Road
Calcutta

ଅର୍ଶ ମ ରୋଗର ମହୌଷଧ ।

ମଦନ ମଞ୍ଜରୀ ଗୁଟିକା ।

[illegible]

କଟକ ଶ୍ରୀ [illegible]

ବିଦବନ୍ଧୁ ।

ଔଷଧାଳୟ ।

[illegible]

ଯଥାର୍ଥ ଉକ୍ତି ।

[illegible]

[illegible] ରକ୍ଷା ।

[illegible]

ଶ୍ରୀ [illegible]

[illegible]

[illegible]

Apply to
S. Paul & Co.
21 W. D. [illegible]
Bowbazar CALCUTTA

ଏହି ଉତ୍କଳଦୀପିକା [illegible] ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

Split by PDF Splitter

REGISTERED No. C 81

ସାପ୍ତାହିକ ସମ୍ବାଦପତ୍ରିକା ।

THE UTKAL DIPIKA.

CUTTACK, SATURDAY THE 22nd September 1906.

ଆଶ୍ୱିନ ୬ ୭ ଦ ଅଙ୍କ ୧୩୧୪ ସାଲ ଶନିବାର

ସଦର କଟକ ତରସାବଜାର ପ୍ରିଣ୍ଟିଂକମ୍ପାନି ଅଫିସରେ ମୁଦ୍ରିତ ଓ ପ୍ରକାଶିତ

ସ୍ଥ ୪୧ ଭା

ତୃ ୩୮ ସଂ ।

ଅଗ୍ରିମ ୨ ॥୯

ପଶ୍ଚାଦ୍ଦେୟ ୨ ୬୯

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା,—
ପ୍ରଥମବାର ସକାଶେ ଧାଡ଼ିପ୍ରତି ୨• ⅟ ଓ ଅର୍ଦ୍ଧସ୍ତମ୍ଭକୁ ୨ ୬୯ ପୂର୍ଣ୍ଣ ଏକ ସ୍ତମ୍ଭକୁ ୨୫୯ ମାତ୍ର କୌଣସି ବିଜ୍ଞାପନ ସେତେ ଛୋଟ ହେଲେହେଁ ତହିଁର ଦର ୨• ୨ ଣାରୁ ଉଣା ହେବ ନାହିଁ ଦ୍ୱିତୀୟ ଓ ତୃତୀୟବାର ସକାଶେ ଉଚିତ ପ୍ରଥମ ଥରର ଦେଢ଼ା ଓ ଚତୁର୍ଥ ଥର ଛାପାଯିବ ହେବ । ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

NOTICE.

FOR IMMEDIATE SALE.

A 15 hand gilding sound & excellent riding. Price Rs. 175, belonging to

Harakrishna Mahanti
Deputy Magistrate
Cuttack.

ADVERTISEMENT

Srimati Lakshmi Rani, the proprietress of Killa Darpan, District Cuttack, having been declared disqualified to manage the Estate by the Hon'ble Board of Revenue in their order dated 28-8-06, the estate is to be brought under the management of the Court of Wards.

Creditors and other persons having claims against the Estate are hereby invited to appear and submit a correct account of their respective claims on or before the 20th December 1906 for my consideration and order. No claim will be admitted after expiry of that date unless it be proved in a Court of Justice.

Cuttack Collectorate
6-9-06

T. R. Godfrey
for Collector

NOTICE.

WANTED an experienced under-graduate for the Head mastership of the Bentkar Sadanand M. E. school on Rs. 20, plus free boarding and Rs. 5 for private tuition. Candidate should guarantee stay for two years

Bentkar is only five miles from this town.

Apply personally to
Hara Krishna Mahanti
ChandniChauk
Cuttack.

ବଙ୍ଗଳା ବନବିଭାଗ — ପୁରୀ ଡିଭିଜନ

ସନ ୧୯୦୬ ମସିହା ଅକ୍ଟୋବର ମାସ ତାରିଖ ଷଷ୍ଠ ୧୭ ଠାରୁ ଲମ୍ବ ମୋଟା ପାହାଚ ଦଣ୍ଡ ଧାରକଲମ୍ବାଙ୍କରୁ ଦଣ୍ଡ ହୋଇଥିବା ପ୍ରାୟ ତୁଳସି ଗୋଟା ମୂର୍ତ୍ତି ଶାଳକାଠ— ସଂ ୪୦୦୦ ବାଲୁଗାଁ ବେଙ୍ଗଲ ନାଗପୁର ରେଲଷ୍ଟେସନ ଠାରେ ନିଲାମ କରାଯିବ ।

ଉପରୋକ୍ତ କାଠମାନ ସଂ ୪ ଠାରୁ ସଂ ୭ ୮ ଫୁଟ ଲମ୍ବ ମୋଟା ଓ ସଂ ୧୩ ୨ ଠାରୁ ସଂ ୧୫ ୨ ଫୁଟ ଲମ୍ବା ଅଛେ ।

ଏହି ମୂର୍ତ୍ତି କାଠମାନ ଉପରୋକ୍ତ ବାଲୁଗାଁ ରେଲ ଷ୍ଟେସନଠାରେ ଗ୍ରାହକମାନେ ଦେଖି ପାରନ୍ତେ ।

ଖୋରଧା
ତା ୧୦|୯|୦୬

R. G. A. Hannah
Divisional Forest Officer
Puri Division.

ନୂତନ ପୁସ୍ତକ ! ନୂତନ ପୁସ୍ତକ !

ଆରବ୍ୟ - କଦମ୍ବ

ବା

ଜଗଦ୍ବିଖ୍ୟାତ ଓ ସର୍ବଜନାଦୃତ ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ।

ପ୍ରଥମ ଖଣ୍ଡ ମୂଲ୍ୟ ୨ ॰ ⅟

୧ମ ଓ ୨ୟ ଖଣ୍ଡର ମୂଲ୍ୟ ଯଥାକ୍ରମେ ୫ ॰ ।
ଓ ୫ ॰ ⅟ ଡା: ମା: ସ୍ୱତନ୍ତ୍ର

କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ଗୃହସ୍ଥର ଯତ୍ନ ରୋଗର ଚିକିତ୍ସା

ଏହା ଅନୁଭୂତ ଦେଶୀୟ ଔଷଧମାନ ଅଛି, ଜ୍ୱର, ଜାଡ଼ି, ପଠା, କର୍ଣ୍ଣ, ବ୍ରଣାଦି ଘା, କାଶ, ଗଲାଭି ପ୍ରମେହ, ବାତ ପ୍ରଭୃତି ଅନେକ ପୀଡ଼ାର ଅଚୁକ ହୋଇ ଥାଏ । ଅବସ୍ଥା ଲେଖିଲେ ଔଷଧ ଓ ବ୍ୟବସ୍ଥା ପଠାଯାଏ ।

ଠିକଣା

ଶ୍ରୀ ବନମାଳୀ ଦାସ, ନଂ ୧୦ ବିହାରୀବାଗ୍ କଟକ

ମହର୍ଷି ଦୟାନନ୍ଦ ସ୍ୱାମୀଙ୍କ ବଙ୍ଗଳା "ସତ୍ୟାର୍ଥ ପ୍ରକାଶ" ନାମକ ପ୍ରକାଣ୍ଡ ଗ୍ରନ୍ଥ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ଅନେକ ଜ୍ଞାନ ଲାଭ ହେବ । ପୁସ୍ତକର ମୂଲ୍ୟ ୫ ⅟ ଓ ମଫସଲକୁ ଡାକ ମାସୁଲ ୫ ॰ । ଲେଖକ

ଶ୍ରୀ ରାମଶଙ୍କର ରାୟ କଟକ

Digitized by srujanika@gmail.com

Split by PDF Splitter

ବିଜ୍ଞାପନ ।

ରେଜେଷ୍ଟ୍ରୀକୃତ ଶଙ୍ଖମାର୍କା

ଦେଖି ଅସଲ ।

ଲାଲମୋହନ ସାହା ଶଙ୍ଖନିଧି

ପୃଥିବୀ ବ୍ୟାପିଛି

ସର୍ବଜ୍ୱର ଗଜସିଂହ ।

୪୮ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ଦେଶମ୍ଭାବିଂ ରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ୧୲ ଟଙ୍କା ମଧ୍ୟମ ୧୲ ଛୋଟ ୦୲ ଡାକମାସୁଲ ଠାରୁ ଶିଶି ୦୲

କଣ୍ଡୁଦାବାନଳ ।

ଖାଜୁ ଅବ ଯନ୍ତ୍ରଣାର ଦଳ କେବଳ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ୧୲ ଡାକମାସୁଲ ଠାରୁ ଶିଶି ୦୲

୨୪ ଘଣ୍ଟାରେ ଖାଜୁ ଅବ ଦାଦ ଇତ୍ୟାଦି ଚର୍ମରୋଗ ଆରୋଗ୍ୟ ହୁଏ ।

ମୂଲ୍ୟ ୦୲ ଡାକମାସୁଲ ଠାରୁ ଶିଶି ୦୲

ଏହା ଜଣାଇ ଦେଉଅଛୁ ଯେ ଲାଲମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଔଷଧ କିଣିବେ । ଏହା ସକଳ ସହର ଓ ବଡ଼ ବଜାରରେ ପାଇବେ ନ ପାଇଲେ ସୁବିଧାର ସେ କୌଣସି ଷ୍ଟେସନ ଦେଇ ଆମ୍ଭ ଠିକଣାରେ ପତ୍ର ଲେଖିଲେ ଭି, ପି, ପାର୍ସଲରେ ପଠାଉଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରାଇ ଦେଉଁ ।

ଶ୍ରୀ ଗୌର ନିତାଇ ସାହା

ଟିକଣା ଲାଲମୋହନ ସାହା ଶଙ୍ଖନିଧି ଏଣ୍ଡ କୋଂ

ଢାକା ବାବୁର ବଜାର ।

ଏଜେଣ୍ଟ ଚାହିଁବା ବାବୁମାନଙ୍କୁ ଶ୍ରୀଯୁକ୍ତ ସାଙ୍ଗମାନ୍ତ୍ରୀଙ୍କ ଅଧିକ ସୁବିଧା ଦେବା ହେବ

Gour Nitai Shaha

Lal Mohan Shaha Sankanidhi & co.

Baburbazar, Dacca.

ବାତନାଶକମହୌଷଧ

ଅମ୍ଳବାତ, ଗଣ୍ଠିବାତ ପ୍ରଭୃତି ସର୍ବପ୍ରକାର ବାତ ରୋଗ ଉପରେ ଶୀଘ୍ର ଉପକାର କରିବା ସକାଶେ ଏହି ତେଲ ପରୀକ୍ଷିତ ଔଷଧ ଅଟେ । ସାମାନ୍ୟ ରୋଗୀଠାରୁ କଠିନ ରୋଗୀ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ ଏହା ଉପକାରୀ ଔଷଧ ପ୍ରମାଣିତ ହୋଇଅଛି ଏବଂ ବ୍ୟବହାର କରି ଆରୋଗ୍ୟ ହୁଏ । ପରୀକ୍ଷା ପ୍ରାର୍ଥନୀୟ ।

ମୂଲ୍ୟ ବିଶୁଦ୍ଧ ବୋତଲ ୧ ୦ ଡାକମାସୁଲ ୧୲ ଟଙ୍କା

ଛୋଟ „ ୦ „ ୧୲ ଟଙ୍କା

ଡାକ ମାସୁଲ ସ୍ୱତନ୍ତ୍ର

Messrs Mazoomdar & Co.

373 upper Chitpur Road. Calcutta

ଏଜେଣ୍ଟ ଗୋପାଳଚନ୍ଦ୍ର ଷଡ଼ଙ୍ଗୀ, ବାଲୁବଜାର, କଟକ ।

ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

ଚଉଧୁରି ବଜାର କଟକ ।

କବିରାଜ ଶ୍ରୀ ଛକଡ଼ିକର କବିରତ୍ନ ।

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସବୁ ପ୍ରକାର ଔଷଧ ଉତ୍ତମରୂପେ ପ୍ରସ୍ତୁତ ଥାଏ । ମଫସଲ ରୋଗୀର ଅବସ୍ଥା ସବିଶେଷ ପତ୍ର ଲେଖିଲେ ଉକ୍ତ ରୋଗର ଔଷଧ ଭି, ପି, ଡାକଯୋଗରେ ପଠାଯାଏ

ଯାଦୁକର ମଲମ ।

ଏ ୨୪ ଘଣ୍ଟାରେ ଦାଦ ଆରୋଗ୍ୟ ହୁଏ ଘାଆ ଫୋଡ଼ା କଷ୍ଟ ହୁଏ ନାହିଁ ।

ଏକ ଡବାର ମୂଲ୍ୟ ୦ ।

ଡାକମାସୁଲ ୦ ୵ ୵

ଶାନ୍ତିସୁଧା ।

ପ୍ରମେହ (ଗନୋରିଆ) ରୋଗର ମହୌଷଧ ଏହି ଔଷଧ ଶୁକ୍ରମେହ, ପିତ୍ତମେହ, ରକ୍ତମେହ, ରେଗମେହ ଆଦି ସର୍ବମେହ ଏବଂ ମୂତ୍ରନଳୀରେ ଘାଆ ଫୋଡ଼ା ପଡ଼ିଲେ ଅଥ ପରିସ୍ରବ ବନ୍ଦ ହୋଇ ଅନ୍ତର୍ଦାହ; ଏହା ସେବନ କଲେ ମୂତ୍ରନଳୀର ଜ୍ୱାଳା ଶୂଳ ଦୂର ହୋଇଯାଏ ଏବଂ ୨୪ ଘଣ୍ଟା ମଧ୍ୟରେ ଉପକାର ଲାଭ କରେ । ଏକ ଶିଶିର ମୂଲ୍ୟ ୧ ଟଙ୍କା

ସ୍ନାୟୁବଳକାରିକ ବଟିକା ।

ଶାରୀରିକ ଓ ମାନସିକ ଅବସନ୍ନ ମହୌଷଧ

ସ୍ମୃତିଶକ୍ତି ଓ ବୁଦ୍ଧିଶକ୍ତିର ଦୁର୍ବଳତା, ଶୁକ୍ରର ଅଳ୍ପତା, ପ୍ରମେହ ପ୍ରଭୃତି ଅଳ୍ପ ବୟସରେ କେଶ ପକ୍ୱ ହେବା ରକ୍ତ ମାଂସ ବୃଦ୍ଧି କରିବା ସକଳରେ ପ୍ରଦାନ ଓ ସ୍ଫୂର୍ତ୍ତି ଲାଭ କରେ । ଏହି ଔଷଧମାନଙ୍କ ପକ୍ଷରେ ବିଶେଷ ଉପକାର ବୃଦ୍ଧି ଓ ଦୂରଣ ଶକ୍ତି ।

ଏକ ଡବାର ମୂଲ୍ୟ ୧୲

Kabiraj Chhakari Kar

Chowdhuri Bazar Cuttack

THE HIMALAYAH AURVEDIC PHARMACY

SILAJIT

Best refined. Guranteed free from adultration. Unrivalled Tonic. Specific for all kinds of debility.

Communication in Hindi, English and Urdu.

Two Tola Box Rs. 2 V. P Rs. 2-4

NANDA LALL NIJJER

CHAMBA, PUNJAB

ହିମାଳୟ ଆୟୁର୍ବେଦୀୟ ଔଷଧାଳୟ

ଶିଳାଜିତ

ଅତି ବିଶୁଦ୍ଧ ସର୍ବପ୍ରକାର ମିଶ୍ରଣ ଦ୍ରବ୍ୟ ରହିତ ଅଦ୍ୱିତୀୟ ଟନିକ । ସର୍ବପ୍ରକାର ଦୌର୍ବଲ୍ୟର ମହୌଷଧ । ହିନ୍ଦୀ, ଇଂରାଜୀ ବା ଉର୍ଦ୍ଦୁ ଭାଷାରେ ପତ୍ର ଲେଖିବାକୁ ହେବ ।

ଦୁଇ ତୋଳା ବାକ୍ସ ୨ ଟଙ୍କା । ଭି ପି ଖର୍ଚ୍ଚା ସହିତ ୨ ।

ନନ୍ଦଲାଲ ନିଜର

ଚେମ୍ବା, ପଞ୍ଜାବ ।

ଆୟୁର୍ବେଦୀୟ

ଔଷଧାଳୟ ।

ଏହି ଔଷଧାଳୟରେ ସର୍ବଦା ଅବିକୃତ ତେଲ, ଘୃତ ମୋଦକ, ବଟିକା, ଚୂର୍ଣ୍ଣ, ଗୁଟିକା, ରସାୟନ, ଆସବ, ଅରିଷ୍ଟ ଇତ୍ୟାଦି ୧ ବର୍ଷର ପୁରୁଣା ମୂଲ୍ୟରେ ବିକ୍ରି ହୁଏ ମଫସଲ ରୋଗୀର ଅବସ୍ଥା ସବିଶେଷ ପତ୍ର ଲେଖିଲେ ଶୀଘ୍ର ଔଷଧ ପଠାଯାଏ ।

ଜ୍ୱରଶାନ୍ତି, ମେଲେରିଆ ଜ୍ୱର ଓ ପାଳିଜ୍ୱରର ଏକମାତ୍ର ମହୌଷଧ ନୂତନ, ପୁରାତନ ସର୍ବ ପ୍ରକାର ଜ୍ୱର, ପ୍ଲୀହା, ଯକୃତ, ଶୋଥ, ଜ୍ୱର ଇତ୍ୟାଦି ଆରୋଗ୍ୟ ହୁଏ, ଏକ ସପ୍ତାହରେ ଫଳ ପାଇବେ ମୂଲ୍ୟ ବଡ଼ ଶିଶି ୦ । ଛୋଟ ଶିଶି ୦ । ଡାକମାସୁଲ ୦ । ସ୍ୱତନ୍ତ୍ର ।

ପ୍ରମେହସୁଧା । ନୂତନ ପୁରାତନ ଘାଆ ସହିତ ପ୍ରମେହ ଆରୋଗ୍ୟ ହୁଏ । ପ୍ରସ୍ରାବ ସମୟରେ ଯନ୍ତ୍ରଣା, ପ୍ରସ୍ରାବ ପରେ ମୂତ୍ରନଳୀରେ ଜ୍ୱାଳା, ଅଳ୍ପ ଅଳ୍ପ ମୂତ୍ରତ୍ୟାଗ ଆଦି ପ୍ରମେହ ରୋଗର ଉପଦ୍ରବ ଶୀଘ୍ର ଦୂର ହୁଏ ଏକ ଶିଶିର ମୂଲ୍ୟ ୧ । ଖର୍ଚ୍ଚା ୦ ।

ଯାଦୁକର ମଲମ । ନୂତନ ପୁରାତନ ଦାଦ ଅବ ଚର୍ମରୋଗ ଶୀଘ୍ର ଆରୋଗ୍ୟ ହୁଏ । ମୂଲ୍ୟ ଡବା ୦ । ଡାକ ଖର୍ଚ୍ଚା ୦ ।

୧ ତ୍ରିଫଳାଘୃତ । ରୋଗର ଅବସ୍ଥା ବୁଝି ଔଷଧ ଦିଆଯାଏ ମୂଲ୍ୟ ଅଳ୍ପ ଓ ଉପକାର ଅଧିକ ।

ଏହି ଔଷଧାଳୟର ଔଷଧ ଶୀଘ୍ର ଫଳପ୍ରଦ ବୋଲି ଅନେକ ପ୍ରଶଂସାପତ୍ର ପାଇଅଛୁଁ ।

ଶ୍ରୀ ଅନନ୍ତ କବିରାଜ

କସ୍ବା, ବାଲେଶ୍ୱର

୧ । ଏ ଔଷଧ ସେବନରେ ଅନେକ ରୋଗ ଆରୋଗ୍ୟ ହୋଇଅଛି । ଅଧିକ ଏହା ପଠାଇବେ ।

ଶ୍ରୀ ମୁକୁନ୍ଦ ସାମନ୍ତରାୟ, ଜୁଡ଼ାଲି, କୁଜଙ୍ଗ

୧ । ପ୍ରମେହସୁଧା ଔଷଧକୁ ସେବନ କରି ଆରୋଗ୍ୟ ହୋଇଅଛି ।

ଶ୍ରୀ କେଶବ ମହାନ୍ତି, କେନାଲ ଅଫିସ, ବାଲେଶ୍ୱର

୧ । ପ୍ରମେହସୁଧା ସେବନ କରି ଉପକାର ପାଇଅଛି ଆଉ ଏକଶିଶି ପଠାଇବ

ପଣ୍ଡିତ ଗୋପାଳଚନ୍ଦ୍ର ଦାସ, ଅସ୍ତରଙ୍ଗ

କେନ୍ଦ୍ରାପଡ଼ା

ଏହି ସବୁ ଔଷଧ ଓ ଅନ୍ୟାନ୍ୟ ଔଷଧର ଅଧିକ ପ୍ରଶଂସାପତ୍ର ଅଛି । ଅଧିକ ଜାଣିବା ନିମନ୍ତେ ଚିଠି ଲେଖିଲେ ଧରଣ ପତ୍ର ପଠାଯିବ ।

ପୋଃ ବୁଦ୍ଧାଳୋଚ } କବିରାଜ ଗୋବିନ୍ଦପ୍ରସାଦ

ବାଲୁବଜାର, କଟକ } କବିରତ୍ନ

Digitized by srujanika@gmail.com

Split by PDF Splitter

ଉତ୍କଳ ଦୀପିକା ।

ଦଶହରା ପର୍ବ ଉପଲକ୍ଷରେ ସରକାରୀ ନିୟମ ଅନୁସାରେ କଟକ ପ୍ରିଣ୍ଟିଂକମ୍ପାନୀର କାର୍ଯ୍ୟାଳୟ ଆଜଠାରୁ ୧୦ ଦିନ ବନ୍ଦ ହେବ ଏବଂ ଉତ୍କଳଦୀପିକାର କର୍ମଚାରୀମାନେ ଦୁଇ ସପ୍ତାହ ଅବକାଶ ପାଇବେ । ଅତ ଏବ ଆଗାମୀ ଦୁଇ ସପ୍ତାହ ପତ୍ରିକା ବାହାରିବ ନାହିଁ । ଅବକାଶାନ୍ତେ ଆସନ୍ତା ଅକ୍ଟୋବର ମାସ ତା ୧୯-ରିଖରେ ପାଠକମାନଙ୍କର ସାକ୍ଷାତ୍ ଲାଭ କରିବୁଁ ।

ଗତ ତା ୮ ରିଖରେ ଶେଷ ହୋଇଥିବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୩,୯୩୪ ମୃତ୍ୟୁ ହୋଇଥିଲା । ତହିଁ ପୂର୍ବ ସପ୍ତାହର ଅଙ୍କ ୨୫୬୨ ଥିଲା । ସେହି ୩୯୩୪ ମୃତ୍ୟୁ ମଧ୍ୟରୁ ଏକା ବମ୍ବେଇ ପ୍ରଦେଶର ଭାଗ ୧୮୬୦ । ଅର୍ଥାତ୍ ତହିଁ ପୂର୍ବ ସପ୍ତାହଠାରୁ ୪୭୨ ବଢ଼ିଥିଲା । ଯୁକ୍ତପ୍ରଦେଶ, ପଞ୍ଜାବ, ମଧ୍ୟପ୍ରଦେଶ ଓ ମଧ୍ୟଭାରତରେ ଅଳ୍ପ କମିଥିଲା ଏବଂ ବଙ୍ଗ ଓ ବ୍ରହ୍ମଦେଶରେ ସାମାନ୍ୟ ଊଣା ପଡ଼ିଥିଲା ।

ଗତ ତା ୮ ରିଖରେ ଶେଷହେବା ସପ୍ତାହରେ ଭାରତର ଦୁର୍ଭିକ୍ଷ ପୀଡ଼ିତ ପ୍ରଦେଶ ସମୂହରେ ୨,୩୦,୭୫୯ ଜଣ ସାହାଯ୍ୟ ପାଇଥିଲେ । ତହିଁ ପୂର୍ବ ସପ୍ତାହର ଅଙ୍କ ୨,୩୨,୭୨୯ ଥିଲା । ସୁତରାଂ ମୋଟରେ ୧୯୭୦ ଊଣା ପଡ଼ିଥିଲା ମାତ୍ର ଯୁକ୍ତପ୍ରଦେଶରେ ୧୧୦୦୦ ବୃଦ୍ଧି ହୋଇଥିଲା । ଏହି ପ୍ରଦେଶ ଛଡ଼ା ଅନ୍ୟ ସକଳ ପ୍ରଦେଶର ଅବସ୍ଥା ସନ୍ତୋଷଜନକ ହେବାର ଦେଖା ଯାଏ ।

ଗତ ତା ୧୧ ରିଖର ଉତ୍କଳବାସୀରେ ପଢ଼ି ଅବଗତ ହେଲୁଁ ଯେ ବଡ଼ୁଲୀ ରାଜ୍ୟ ନିଲାମ ହେବା ଓ ତଲଲା ରଜା ତାହାକୁ ୬ ଲକ୍ଷ ଟଙ୍କାରେ କିଣିବା ସମ୍ବାଦ ସତ୍ୟ ନୁହେ । ସହଯୋଗୀ ଜଣେ ସମ୍ଭ୍ରାନ୍ତ ବଙ୍ଗଲିର କଥାରେ ନିର୍ଭର କରି ତାହା ପ୍ରକାଶ କରିଥିଲେ ଏବଂ ତହିଁପାଇଁ ଲଜ୍ଜିତ ହୋଇଅଛନ୍ତି ।

ଉତ୍କଳବାସୀରେ ପ୍ରକାଶ ଯେ ଗଞ୍ଜାମଜିଲା ପୁରୁଷୋତ୍ତମପୁର ଗ୍ରାମରେ ବିଧବାବିବାହ ସମାଜ ନାମରେ ଗୋଟିଏ କମ୍ପାନୀ ଗଠିତ ହୋଇଅଛି । ଯେ ବ୍ରାହ୍ମଣସନ୍ତାନ ବାଳବିଧବା ବିବାହ କରିବ ସେ କମ୍ପାନୀରୁ ଟ ୫୦୦ ଙ୍କାର ସମ୍ପତ୍ତି ପାଇବ । ସେଠାର ସବ ରେଜିଷ୍ଟ୍ରାର ଶ୍ରୀ ଶ୍ରୀବତ୍ସ ପଣ୍ଡା କମ୍ପାନୀର ସମ୍ପାଦକ ଅଟନ୍ତି । ଧନ ପ୍ରଲୋଭନଦ୍ୱାରା ସମାଜର ସଂସ୍କାର ସ୍ପୃହା କି ?

ମାନ୍ୟବର ବଙ୍ଗୀୟ ଲେପ୍‌ଟେନାଣ୍ଟ ଗବର୍ଣ୍ଣର ବାହାଦୁର ଗତ ରବିବାର ଦାରଜିଲିଂଠାରୁ ମୁଜଫରପୁରକୁ ଯାତ୍ରା କରିଥିଲେ । ସେଠାରେ ୨ ୩ ଦିନ ଅବସ୍ଥାନ କରି ଗତ ଶୁକ୍ରବାର ଦାରଜିଲିଂକୁ ଫେରି ଯାଇଅଛନ୍ତି । ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିଙ୍କର ସାହାଯ୍ୟର ସୁବ୍ୟବସ୍ଥା କରିବା କାରଣ ମାନ୍ୟବର ମହୋଦୟ ସେଠାକୁ ଯାଇ ପ୍ରଜାରକ୍ଷାର ଉଦ୍ୟମ ପରିଚୟ ଦେଉଅଛନ୍ତି ।

ଆସନ୍ତା ଅକ୍ଟୋବରମାସ ତା ୧୯ ରିଖ ଶୁକ୍ରବାର ସକାଳ ଘ ୧୦ ଘା ବେଳେ ଏ ନଗରର ମେଡ଼ିକେଲ ସ୍କୁଲରେ କମ୍ପାଉଣ୍ଡରମାନଙ୍କର ଷାଣ୍ମାସିକ ପରୀକ୍ଷା ହେବ । ଯେଉଁ ପୁରୁଷମାନେ ପରୀକ୍ଷା ଦେବାକୁ ଇଚ୍ଛା କରିବେ ସେମାନେ ଏକ ସପ୍ତାହ ପୂର୍ବେ ଟ ୫ଙ୍କା ଫିସ ଦେବେ । ସ୍ତ୍ରୀମାନେ ବିନା ଫିସରେ ପରୀକ୍ଷା ଦେବେ । ପରୀକ୍ଷାରେ ହାରିଗଲେ ଫିସ ଫେରତ ଦିଆଯିବ ନାହିଁ ।

ଓଡ଼ିଶା ବିଭାଗ ଏବଂ ଓଡ଼ିଶା ଗଡ଼ଜାତ ଡିଭିଜନର ମାହାଲମାନଙ୍କର ସ୍କୁଲସମୂହର ଡେପୁଟୀ ଇନସ୍ପେକ୍ଟର, ସବଇନସ୍ପେକ୍ଟର ଏବଂ ଶିକ୍ଷକମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱବିଦ୍ୟାଳୟର ଏଫ, ଏ, ଓ ବି, ଏ, ପ୍ରଭୃତି ପରୀକ୍ଷା ଦେବାକୁ ଇଚ୍ଛା କରନ୍ତି ସେମାନେ ଯେଉଁ ନିୟମରେ ଆବେଦନ କରିବେ ତାହା ଓଡ଼ିଶା ବିଭାଗର ସ୍କୁଲ ସମୂହର ଇନସ୍ପେକ୍ଟରଙ୍କଦ୍ୱାରା ଗତ ତା ୧୬ ରିଖର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ।

କଲିକତା ବିଶ୍ୱବିଦ୍ୟାଳୟ ସକାଶେ ଜଣେ ପୂର୍ଣ୍ଣ ସମୟର ରେଜିଷ୍ଟ୍ରାର ଓ ଜଣେ ବେତନପ୍ରାପ୍ତ ଇନସ୍ପେକ୍ଟର ନିଯୁକ୍ତ କରିବାର ବିଜ୍ଞାପନ ପ୍ରସ୍ତୁତ କରିଅଛନ୍ତି । ଉଭୟ କର୍ମଚାରୀଙ୍କର ବେତନ ମାସକୁ ଟ ୮୦୦ ଙ୍କା ଲେଖାଏଁ ହେବ ଏବଂ ବାର୍ଷିକ ଟ ୫୦ ଙ୍କା ବୃଦ୍ଧିଦ୍ୱାରା ୫ ବର୍ଷରେ ଟ ୧୦୦୦ ଙ୍କା ହେବ । ଏମାନେ ପ୍ରଥମେ ୫ ବର୍ଷ ସକାଶେ ନିଯୁକ୍ତ ହେବେ ଓ ପ୍ରତ୍ୟେକ ୫ ବର୍ଷ ଉତ୍ତାରୁ ପୁନର୍ବାର ନିଯୁକ୍ତ ହୋଇ ପାରିବେ । କାର୍ଯ୍ୟପ୍ରାର୍ଥିମାନଙ୍କର ଆବେଦନପତ୍ର ଆଗାମୀ ଡିସେମ୍ବରମାସ ତା ୧୭ ରିଖ ମଧ୍ୟରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

ଏସ୍ଥାନରେ ଏକଦିନ ଏ ଜିଲ୍ଲାର କଲେକ୍ଟର ଛଦ୍ମବେଶରେ ଅବକାରୀ ସବଇନସ୍ପେକ୍ଟରଙ୍କୁ ସଙ୍ଗେ ନେଇ ରାତ୍ର ଘ ୧୧ ଘା ବେଳେ ଚୌଧୁରୀବଜାର ମଦଦୋକାନକୁ ଏକବ୍ୟକ୍ତିଙ୍କୁ ମଦ କିଣିବାକୁ ପଠାଇଲେ ଏବଂ ଶୁଣ୍ଡି ମଦମାପି ଦେବାବେଳେ ତାହାଙ୍କୁ ଧରିଲେ । ସବଇନସ୍ପେକ୍ଟରଙ୍କ ରିପୋର୍ଟମତେ ଦୋକାନର ପଟ୍ଟାଦାର ବାବୁ କୃଷ୍ଣଚନ୍ଦ୍ର ପାଲଙ୍କ ନାମରେ ନିୟମଭଙ୍ଗ ଅପରାଧର ଚାଲାଣ ଦାଏର ହୋଇଅଛି । ଉକ୍ତ ବାବୁମାନଙ୍କର ମୋକଦ୍ଦମା ତଥା ଅନେକ କାଳରୁ ଶୁଣା ନ ଥିଲା । ଗରେଟ ସାହେବ ଯେବେ ସଦର ଓ ମୋଫସଲରେ ଏହା ନିୟମିତରୂପେ ପ୍ରତିପାଳନ କରନ୍ତି ତେବେ ଅନେକ ଅକାର୍ଯ୍ୟ ନିବାରଣ ହେବ ଓ ସେ ପ୍ରଶଂସାଭାଜନ ହେବେ ।

—※—

ସମ୍ବଲପୁର ଜିଲ୍ଲାର ଦେବାନୀ ଅଦାଲତମାନଙ୍କ ସମ୍ବନ୍ଧରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ନୂତନ ଆଇନ କରିଅଛନ୍ତି । ଏହାର ନାମ ସନ ୧୯୦୭ ସାଲର ୪ ଆଇନ ଅଟେ । ଏହା ଗତମାସ ତା ୪ ରିଖରେ ମହାମାନ୍ୟ ଗବର୍ଣ୍ଣର ଜେନେରେଲଙ୍କଦ୍ୱାରା ମଞ୍ଜୁର ହୋଇଅଛି । ଏହା ଯେଉଁ ଦିନ ଜାରି ହେବ ତହିଁର ବିଜ୍ଞାପନ ମାନ୍ୟବର ବଙ୍ଗୀୟ ଲେପ୍ଟେନାଣ୍ଟ ଗବର୍ଣ୍ଣର କଲିକତା ଗେଜେଟରେ ପ୍ରକାଶ କରିବେ । ଏହି ଆଇନର ମର୍ମ ଏହି କି ସମ୍ବଲପୁର ଜିଲ୍ଲାରେ ମଧ୍ୟପ୍ରଦେଶର ଅଦାଲତସମ୍ବନ୍ଧ ବିଷୟକ ସନ ୧୯୦୪ ସାଲର ଆଇନ ରହିତ ହେବ ଏବଂ ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ ଓ ଆସାମ ଦେବାନୀ ଅଦାଲତସମ୍ବନ୍ଧର ସନ ୧୮୮୭ ସାଲର ଆଇନ ପ୍ରଚଳିତ ହେବ ।

ଇଉରୋପ ଓ ଜାପାନର ସରକାରୀ ଅନେକ ମହକୁମାରେ ସ୍ତ୍ରୀମାନେ କାର୍ଯ୍ୟ କରନ୍ତି । ବିଲାତର ତାର କର୍ମଚାରିଣୀଙ୍କ ସମ୍ବନ୍ଧରେ ଲେଖାଅଛି କି ସେମାନେ ପୁରୁଷଠାରୁ ଅଧିକ ପଟୁ ମାତ୍ର ପୀଡ଼ା ହେଲେ ଅଧିକବାର ଅନୁପସ୍ଥିତ ହୁଅନ୍ତି ଏବଂ ଶୀଘ୍ରରେ କାର୍ଯ୍ୟ କରିପାରନ୍ତି ନାହିଁ ବୋଲି ସେମାନଙ୍କର ସଂଖ୍ୟା ସୀମା ମଧ୍ୟରେ ରଖିବା ଆବଶ୍ୟକ । ପକ୍ଷାନ୍ତରେ ସେମାନେ ପୁରୁଷଠାରୁ ଏକଚତୁର୍ଥାଂଶ ଊଣା ବେତନ ନିଅନ୍ତି ବୋଲି ସେମାନଙ୍କର ନିଯୋଗରେ ଲାଭ ଅଛି । ଜାପାନ ସ୍ତ୍ରୀଙ୍କ ସମ୍ବନ୍ଧରେ ପ୍ରକାଶ ଯେ ସେମାନେ ଯନ୍ତ୍ର କାର୍ଯ୍ୟରେ ଅଧିକ ପଟୁ ମାତ୍ର ଚଞ୍ଚଳ ଏବଂ ଦାୟିତ୍ୱ ଆବଶ୍ୟକ କାର୍ଯ୍ୟର ଯୋଗ୍ୟ ନୁହନ୍ତି । ଏଥିରୁ ପାଠକମାନେ ଭାରତୀୟ ଉତ୍ପାଦ କାର୍ଯ୍ୟରେ ସ୍ତ୍ରୀମାନଙ୍କର ଉପଯୋଗିତାର ମୂଲ୍ୟ ନିରୂପଣ କରିପାରିବେ ।

Digitized by srujanika@gmail.com

Split by PDF Splitter

ଏ ଜିଲ୍ଲା ସାହେବପୁର ଉତ୍କଳ ପଞ୍ଚସାହଗ୍ରାମରେ ଶ୍ରୀମତୀ ଫଣୀଦେବୀ ନାମ୍ନୀ ଜଣେ ବ୍ରାହ୍ମଣୀ ଗୋଟିଏ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ କାର୍ଯ୍ୟ କରୁଅଛନ୍ତି । ବିଦ୍ୟାଳୟଟି ଏହିବର୍ଷରୁ ନୂତନ ସ୍ଥାପିତ ହୋଇଅଛି ଏବଂ ଏଥିରେ ୧୫ ବାଳିକା ଏବଂ ୫ ଛୋଟ ବାଳକ ପଢ଼ୁଅଛନ୍ତି । ଜଣେ ସ୍ଥାନୀୟ ଭଦ୍ର ଲୋକ ବିଦ୍ୟାଳୟର ସମ୍ପାଦକ ହୋଇଅଛନ୍ତି । ସ୍କୁଲ ସବଇନ୍ସପେକ୍ଟର ବିଦ୍ୟାଳୟ ପରିଦର୍ଶନ କରି ରିପୋର୍ଟ କରିବାରେ ଏଠା ଡିଷ୍ଟ୍ରିକ୍ଟବୋର୍ଡ ମାସିକ ୪ ଟଙ୍କା ସାହାଯ୍ୟ ଦେବାକୁ ସମ୍ମତ ହୋଇଅଛନ୍ତି । ଉତ୍କଳ ବିଧବା ବ୍ରାହ୍ମଣୀ ସାଧାରଣ ସ୍କୁଲରେ ଶିକ୍ଷା ଦେବାର ଏହି ପ୍ରଥମ ଉଦ୍ୟମ ଦେଖି ଆମ୍ଭେମାନେ ଆନନ୍ଦିତ ହେଲୁଁ । ଆଶାକରୁଁ ଏହି ଉଦ୍ୟମ ଅନୁକରଣଦ୍ୱାରା ସ୍ତ୍ରୀଶିକ୍ଷା ବିସ୍ତାରିତ ହେବ ।

ଖୋର୍ଦ୍ଧା ଅନ୍ତର୍ଗତ ଯାଁଲାରୁ ଜଣେ ପତ୍ର ଲେଖିଅଛନ୍ତି କି ବୃଷ୍ଟି ନୋହିବା ରକ୍ଷାର୍ଥେ ପୂର୍ବକାଳୀନ ରାଜାମାନେ ବହୁସଂଖ୍ୟାରେ ବନ୍ଧ ପୁଷ୍କରିଣୀ ଖୋଳାଉଥିଲେ । ବର୍ତ୍ତମାନ ନୂତନ ପୁଷ୍କରିଣୀ ଖୋଳା ହେବାର କଥା ଥାଉ ପଙ୍କୋଦ୍ଧାର ନ ହେବା ହେତୁ ପୁରୁଣା ପୁଷ୍କରିଣୀମାନ ପୋତିଯାଇ ଧାନ କ୍ଷେତରେ ପରିଣତ ହୋଇଅଛି ତେଣୁ ବର୍ଷାର ଅଭାବ ହେଲେ ବାଧୁଅଛି । ଏ ବିଷୟ ପ୍ରତି ପ୍ରଜାବତ୍ସଳ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଦୃଷ୍ଟି ଦେବାର ପ୍ରାର୍ଥନା କରୁଅଛନ୍ତି । ଆମ୍ଭେମାନେ ଆଶାକରୁଁ ଏହା ଗବର୍ଣ୍ଣମେଣ୍ଟର ମନୋଯୋଗ ଆକର୍ଷଣ କରିବ । ବିଶେଷତଃ ଖୋର୍ଦ୍ଧା ଗବର୍ଣ୍ଣମେଣ୍ଟର ଖାସମାହାଲ ବା ନିଜ ଜମିଦାରୀ ଏବଂ ତହିଁ ପ୍ରତି ଅଧିକ ମନୋଯୋଗ ଦେବା ଉଚିତ । ବର୍ତ୍ତମାନର ଅବସ୍ଥା ପ୍ରସଙ୍ଗରେ ପତ୍ରପ୍ରେରକ ଯାହା ଲେଖିଅଛନ୍ତି ତାହା ଅତିରିକ୍ତ ବୋଲି ଛାଡ଼ିଦେଲୁଁ ।

ଶିକ୍ଷା ବିଭାଗର ଡିରେକ୍ଟର ନିଯୁକ୍ତ କରିବା ସ୍ଥଳେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହକୁ ସନ ୧୮୯୬ ସାଲ ତା ୨୩ ରଖ ଜୁଲାଇର ବିଜ୍ଞାପନଦ୍ୱାରା ଭାରତ ଗବର୍ଣ୍ଣମେଣ୍ଟ ଯେଉଁ ଅଧିକାର ପ୍ରଦାନ କରିଥିଲେ ତହିଁର ପୂର୍ବର୍ତ୍ତୀରୂପ ନିଜ ଭାରତୀୟ ଷ୍ଟେଟ ସେକ୍ରେଟରୀ ଆଦେଶ ଦେଇଅଛନ୍ତି କି ସେହି ବିଜ୍ଞାପନ ଅନୁସାରେ ଶିକ୍ଷା ବିଭାଗର ଡିରେକ୍ଟରମାନେ ନିଯୁକ୍ତ ନ ହୋଇ ସନ ୧୮୯୬ ସାଲ ତା ୪ ରଖ ସେପ୍ଟେମ୍ବରର ବିଜ୍ଞାପନ ଅନୁସାରେ ନିଯୁକ୍ତ ହେବେ । ଏଥିରେ ଉକ୍ତ ପଦ ପ୍ରାପ୍ତି ପକ୍ଷରେ ଶିକ୍ଷା ବିଭାଗୀୟ କର୍ମଚାରୀଙ୍କର ଅଧିକା ସୁବିଧା ହୋଇ ଅଛି । ଏକସ୍ଥାନୀୟ ଗବର୍ଣ୍ଣମେଣ୍ଟର ଅଧୀନରେ ସେହି ପଦ ପାଇବାର ଯୋଗ୍ୟ ବ୍ୟକ୍ତିର ଅଭାବ ହେଲେ ସେ ଗବର୍ଣ୍ଣମେଣ୍ଟ ଭାରତ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ଓ ଭାରତ ଗବର୍ଣ୍ଣମେଣ୍ଟ ଅନ୍ୟ ଦେଶରୁ ଯୋଗ୍ୟ କର୍ମଚାରୀ ବାଛି ଦେବେ ।

ବଙ୍ଗଦେଶର ପରସ୍ପର ଋଣଦାନ ସମିତି ସମୂହର ସନ ୧୯୦୫।୦୬ ସାଲର ବାର୍ଷିକ ବିବରଣୀର ସମାଲୋଚନାରେ ମାନ୍ୟବର ବଙ୍ଗେଶ୍ୱରଙ୍କର ମନ୍ତବ୍ୟରୁ ପ୍ରକାଶ ଯେ ଏ ପ୍ରକାର ସମିତିର ସଂଖ୍ୟା ଗତବର୍ଷ ୭୨ ଥିଲା ଏ ବର୍ଷ ୯୦ ହୋଇଅଛି ଏବଂ ମୂଳ ଧନ ଓ ସରକାରୀ ସାହାଯ୍ୟ ମଧ୍ୟ ବଢ଼ିଅଛି । ଗତବର୍ଷ ଟ ୧୯୫୫୧ଙ୍କା ଲାଭ ହୋଇଥିଲା ଏ ବର୍ଷ ଟ ୩୫୧୮ଙ୍କା ଲାଭ ହୋଇଅଛି । ବିହାର, ଓଡ଼ିଶା, ଛୋଟନାଗପୁର ବିଭାଗମାନଙ୍କରେ ଏବଂ ମେଦିନୀପୁର ଜିଲ୍ଲାରେ ଏହି ସମିତି ବ୍ୟାପାର ଅଧିକ ସଫଳ ହୋଇଅଛି । ଗ୍ରାମବାସୀଙ୍କମଧ୍ୟରେ ମେଳ ଏବଂ ପରସ୍ପର ବିଶ୍ୱାସ ସଫଳତାର ହେତୁ ବୋଲି ପ୍ରଦର୍ଶିତ ହୋଇଅଛି । ଆଶା କରୁଅଛୁ ଏହି ସମିତିର ସଫଳତା ଦେଖି ନିକଟସ୍ଥ ଗ୍ରାମ ଓ ନଗରବାସୀମାନେ ନୂତନ ସମିତି ସ୍ଥାପନରେ ପ୍ରବୃତ୍ତ ହେବେ ଏବଂ କ୍ରମେ ଏ ପ୍ରଥା ବିସ୍ତାରିତଦ୍ୱାରା ଅନେକ ଲୋକର ଉପକାର ହେବ ।

ଏ ଜିଲ୍ଲା ଅନ୍ତର୍ଗତ ବାଙ୍କିଜିଲ୍ଲାର ରାଜସ୍ୱ ବନ୍ଦୋବସ୍ତ ନିକଟରେ ଶେଷ ହୋଇଅଛି । ରାଜସ୍ୱ ଅଧିକ ବଢ଼ିଥିବା ସମ୍ବାଦରେ ପ୍ରାୟ ନ ୬୨ ଶ ସରବରାହକାର ଅଛନ୍ତି । ଶୁଣିଲୁଁ ଅଭିଯୋଗରେ ଜିଲ୍ଲା କଲେକ୍ଟର ଶ୍ରୀ ଗାରେଟ ସାହେବ ସେଠାରେ କାର୍ଯ୍ୟ ପରିଦର୍ଶନ କରି ଏହାକେତେ ନ ୩୦।୩୨ ଶ ସରବରାହକାରଙ୍କ ବରଖାସ୍ତ କରିବାରେ ସେମାନଙ୍କ ମଧ୍ୟରୁ ପ୍ରାୟ ନ ୨୦ ଶ କମିଶନରଙ୍କରେ ଅପିଲ କରିଅଛନ୍ତି । ବିଷୟର ଶେଷ ହେଲେ ଫଳାଫଳ ଜଣାଇବୁ । ସାହେବ ମହୋଦୟଙ୍କ ଅମଳରେ କେବଳ କଲେକ୍ଟରିର ଯାହା ଘଟିଅଛି । ଶୁଣିବାରେ ସେ ଗତ କେତେକ ମାସରେ ପ୍ରାୟ ୩୦ ଜଣ ପିଆଦାଠାରୁ ଆମଲା ପର୍ଯ୍ୟନ୍ତ ବରଖାସ୍ତ ବା ବଦଳି କରି ଲେଖି । ଅପିଲରେ ଅଧିକାଂଶ ରଦ୍ଦ ବାହାର ହୋଇଥିବାରୁ ଅନେକ ସ୍ଥଳେ ଅନ୍ୟାୟ ହୋଇଥିବାର ବୋଲାଯାଇ ନ ପାରେ । ଉଆଡ ଏହାବେଳେ ସମସ୍ତ କର୍ମଚାରୀଙ୍କୁ କମ୍ପାଇ ଦେବା ଭଲ କୁହେ ।

ଅଲିପୁର ଏବଂ ହଜାରିବାଗ ସଂଶୋଧନୀ ସ୍କୁଲ ଦ୍ୱୟର ସନ ୧୯୦୫ ସାଲର ବାର୍ଷିକ ବିବରଣୀ ବାହାରିଅଛି । ଉଭୟ ସ୍କୁଲରେ ପିଲା କଏଦିମାନଙ୍କୁ ଲେଖା ପଢ଼ା ଓ ବ୍ୟବସାୟ ଶିକ୍ଷା ଦିଆଯାଏ । ପ୍ରଭେଦ ଏତିକି ଯେ ଗ୍ରାମ୍ୟ ପିଲାଙ୍କୁ ହଜାରିବାଗରେ କୃଷି ଓ ବଢ଼ାଇଙ୍କ କାମ ଶିଖିବା କାରଣ ହଜାରିବାଗ ସ୍କୁଲକୁ ଏବଂ ସହରବାସୀ ପିଲାମାନଙ୍କୁ ଶିଳ୍ପ ଶିକ୍ଷା ନିମନ୍ତେ ଅଲିପୁରକୁ ପଠାଯାଏ । ବର୍ଣ୍ଣିତ ବର୍ଷର ଅନୁଷ୍ଠାନରେ ଜଣାଯାଇଅଛି ଯେ ଗତ ତିନିବର୍ଷରେ ହଜାରିବାଗ ସ୍କୁଲରେ କୃଷିକାର୍ଯ୍ୟ ଶିଖି ଛୁଟି ପାଇଥିବା ନ ୯୮ ଶ ମଧ୍ୟରୁ ନ ୮୧ ଶ ସେହି କାର୍ଯ୍ୟ କରି ପେଟ ପୋଷୁଥିଲେ ମାତ୍ର ଅଲିପୁର ସ୍କୁଲରେ ଶିଳ୍ପକାର୍ଯ୍ୟ ଶିଖି ସେହି ତିନି ବର୍ଷରେ ଛୁଟି ପାଇଥିବା ନ ୨୯୦ ଶ ମଧ୍ୟରୁ କେବଳ ନ ୨୫ ଶ ଶିଖିଥିବା ଶିଳ୍ପକାର୍ଯ୍ୟର ବ୍ୟବସାୟ କରୁଥିଲେ । ଏଥିରୁ ହଜାରିବାଗ ଅଲିପୁରଠାରୁ ଉତ୍କୃଷ୍ଟ ଫଳ ଦେଖାଇବାର ଜଣାଯାଏ । ସ୍ୱଦେଶୀ ଶିଳ୍ପ ବ୍ୟବସାୟ ପ୍ରତି ଜନସାଧାରଣଙ୍କର ଅନାଦର ଏହାର ଗୋଟିଏ କାରଣ ବୋଲି ଆମ୍ଭେମାନେ ଅନୁମାନ କରୁଁ ।

ବରିଶାଲର ଏକ ତାରସମ୍ବାଦରୁ ପ୍ରକାଶ ଯେ ଗତ ତା ୧୬ ରଖ ସନ୍ଧ୍ୟା ବେଳେ ସେଠାର ମସଲିମ ଶିକ୍ଷାବାସ ହତାରେ ପ୍ରାୟ ହଜାରରୁ ଅଧିକ ମୁସଲମାନଙ୍କର ଏକ ବିରାଟ ସଭା ହୋଇଥିଲା । ସଭାରେ ଅବଧାରିତ ହୋଇ, ଯେ ମୁସଲମାନମାନେ ସ୍ୱଜାତିର ଧର୍ମ, ଜାତି ଓ ଅନ୍ୟାନ୍ୟ ଉନ୍ନତି ସକାଶେ ଏକ ଯୋଗରେ କାର୍ଯ୍ୟ କରିବେ, ଜାତି ଓ ଧର୍ମନିର୍ବିଶେଷରେ ଦରିଦ୍ରମାନଙ୍କର ଅବସ୍ଥା ସାହାଯ୍ୟବନ୍ତେ ଅର୍ଥ ସାହାଯ୍ୟ କରିବେ ଏବଂ ଶୁଦ୍ଧବାର ଉପକାର କରିବେ ଏବଂ ସ୍ୱଦେଶୀ ଶିଳ୍ପ ବ୍ୟବସାୟର ଉନ୍ନତି ନିମନ୍ତେ ସେ ସମସ୍ତ ଉପାୟ ହେଉଅଛି ତହିଁରେ ସମ୍ପୂର୍ଣ୍ଣରୂପେ ସହାନୁଭୂତି ଯୋଗ ଦାନ କରିବେ ମାତ୍ର ଶାନ୍ତିଭଙ୍ଗ ଘଟିବା ଭଳି କାର୍ଯ୍ୟ କରିବେ ନାହିଁ ଏ ଯାହା ସ୍ୱାଧୀନ ବ୍ୟବସାୟ ଓ ବ୍ୟକ୍ତିଗତ ସ୍ୱାଧୀନତାର ବିରୁଦ୍ଧ ହେବ । ଏଥିରୁ ପାଠକମାନେ ଦେଖିବେ ଯେ ପୂର୍ବବଙ୍ଗର ମୁସଲମାନମାନେ ସ୍ୱଦେଶୀ ଆନ୍ଦୋଳନର ପକ୍ଷ ପାତୀ ଅଟନ୍ତି ଓ ତହିଁରେ ସମ୍ପୂର୍ଣ୍ଣ ଯୋଗ ଦେବାକୁ ପ୍ରସ୍ତୁତ । କେବଳ ଅତ୍ୟାଚାର ବର୍ଜ୍ଜନର ବିରୋଧୀ ଅଛନ୍ତି ।

ରେଭେନସା କଲେଜ ଯେଉଁ ସ୍ଥାନରେ ଅଛି ସେଠାରୁ ଅନ୍ୟ ସ୍ଥାନ ଉଠା ଯୋଜନାକୁ ଉଠିଗଲେ ବିଦେଶୀୟ ଛାତ୍ରଙ୍କର ଅସୁବିଧା ନାହିଁ

Digitized by srujanika@gmail.com

ମାନ ସ୍ଥାନୀୟ ଛାତ୍ରଙ୍କର ଶିକ୍ଷାର ବିଶେଷ ବ୍ୟାଘାତ ହେବ। କଲେଜର ପ୍ରିନ୍‌ସିପାଲ ମହାଶୟ କଲେଜ ସ୍ଥାନାନ୍ତରିତ ହେବା ବିରୁଦ୍ଧରେ ଏହି ଯୁକ୍ତି ଦେଖାଇ ଏଠାର ଶିକ୍ଷିତ ଓ ଭଦ୍ରଶୀଳ ସମାଜର ସାଧାରଣ ମତ ବ୍ୟକ୍ତ କରିଅଛନ୍ତି ତହିଁରେ ସନ୍ଦେହ ନାହିଁ । ଅମ୍ଭେମାନେ ବିଶ୍ୱସ୍ତ ସୂତ୍ରେ ଅବଗତ ହୋଇଅଛୁଁ ଯେ କଲେଜରେ ବର୍ତ୍ତମାନ ପଢୁଥିବା ୧୬୮ ଜଣ ଛାତ୍ର ମଧ୍ୟରୁ କେବଳ ୩୯ ଜଣ ଛାତ୍ରାବାସରେ ଏବଂ ୧୫ ଜଣ ଭଲ ଭଡ଼ା ଘରେ ରହୁଅଛନ୍ତି ଏବଂ ଅବଶିଷ୍ଟ ୧୧୪ ଜଣ ଅପଣା ପିତା ମାତା ଅଥବା ଅଭିଭାବକଙ୍କ ସଙ୍ଗେ ରହି କଲେଜରେ ପଢୁଅଛନ୍ତି । ଏମାନଙ୍କର ଆର୍ଥିକ ଅବସ୍ଥା ସାମାନ୍ୟ ଓ ଛାତ୍ରାବାସର ବ୍ୟୟ ଯୋଗାଇବାକୁ ସକ୍ଷମ ନୁହନ୍ତି । ସୁତରାଂ ଏମାନେ ଉଚ୍ଚ ଶିକ୍ଷା ଲାଭରୁ ବାଧ ହୋଇ ବଞ୍ଚିତ ହେବେ ଏବଂ କଲେଜର ଉନ୍ନତିରେ ବିଘ୍ନ ଘଟିବ । ଅମ୍ଭେମାନେ ଏକାନ୍ତ ଆଶାକରୁଁ ଯେ ଗବର୍ଣ୍ଣମେଣ୍ଟ ଏହି କଲେଜ ସ୍ଥାନାନ୍ତରିତ କରିବା କଳ୍ପନା ପରିତ୍ୟାଗ କରିବେ ।

ଗତ ଡେସେମ୍ବର ହେଲା ଅନାବୃଷ୍ଟି ହେବା ହେତୁ ଫସଲର ଆଶା ଅଛି ଭଲ ଉପକୂଳବାସୀମାନେ ଯଦ୍ୟପି ନ ବୃଷ୍ଟିର ... ଖାଇଅଛନ୍ତି ମାତ୍ର ଦୁଇ ଅତି ସାମାନ୍ୟରେ ସରମ ହୋଇଅଛି । ଗତ ନଭେମ୍ବର ମାସରେ ଏ ନଗରରେ ୧୦୩ ର ବାଲେଶ୍ୱର ଓ ସମ୍ବଲପୁରରେ ୧୦ ର ଅନୁଗୁଳରେ ୯ ର ଏବଂ ପୁରୀରେ ୨.୩୫ ର ହାରରେ ବୃଷ୍ଟି ହୋଇଥିବାର ଲେଖାଅଛି । ବଙ୍ଗଳାର ୩୪ ଜିଲ୍ଲା ମଧ୍ୟରୁ କେବଳ ୫ ଟି ଜିଲ୍ଲାର ସଦର ମୁକାମରେ ହାରାହାରି ୧୦ ର ବା ତହିଁରୁ ଅଧିକ ପଡ଼ିବା ଅବଶିଷ୍ଟ ୨୯ ଜିଲ୍ଲାରେ ଅଳ୍ପ ପଡ଼ିଅଛି ଅଟେ । ଏ ସମସ୍ତ ଜଲ୍ଲାରେ ୮୦ ଜୋଡ଼ା ଓଜନର ହେବ । ଫସଲର ଅଣ୍ଡା ଦେଶ ଭଲ ଅଧିକ ଉତ୍ତମ ନ ହେବାରୁ ଅନ୍ନମାନ ବୃଥା ଦେଶରେ ଖାଦ୍ୟ ଅଧିକ ନାହିଁ ଅଥଚ ଭଲ ଫସଲ ଫଳ ପ୍ରତ୍ୟକ୍ଷ ହୋଇ ନାହିଁ । ବାସ୍ତବରେ ଅବସ୍ଥା ଶୋଚନୀୟ ବୋଧ ହେଉଅଛି ଏବଂ ସେଥିପାଇଁ ପୂର୍ବରୁ ପ୍ରସ୍ତୁତ ହେବା ଉଚିତ । କେତେକ ଜାଣିବା ବର୍ତ୍ତି ଚଳୁଅଛନ୍ତି ଯେ ୨୪ ଟଙ୍କା ମଧ୍ୟ ୮୧୦ ପଣରୁ ଅଧିକ ଫସଲ ହେବ ନାହିଁ ସୁତରାଂ ମହାର୍ଘ ଅଭାବ ନାହିଁ । ଏଣୁ ଲୋକମାନଙ୍କର ନିର୍ବାହର ଉପାୟ ଚିନ୍ତା ଏହି ସମୟରୁ କରିବା ଉଚିତ ହେଉଅଛି ।

ଖାଡ଼ ଖେମଣ୍ଡିର ପରଲୋକଗତ ରାଜାଙ୍କର ଅନ୍ତ୍ୟେଷ୍ଟି କ୍ରିୟାର ସମ୍ବାଦ ନିମିତ୍ତ ବଡ଼ଖେମଣ୍ଡିର ରାଜା ଦୁଇହଜାର ଟଙ୍କା ଦାନ କରିବାର ସମ୍ବାଦପତ୍ରର ତହିଁ 'ଗଞ୍ଜାମ ଗୁଣଦର୍ପଣ' ରାଜାଙ୍କର ଧର୍ମ କାର୍ଯ୍ୟରେ ଏତାଦୃଶ ମୁକ୍ତହସ୍ତତାର ପ୍ରଶଂସା କରି ଲେଖୁଅଛନ୍ତି ଯେ ଏହି ଟଙ୍କା ବ୍ରାହ୍ମଣ ଭୋଜନ ପ୍ରଭୃତି ଷଣ୍ଢ ଉତ୍ସର୍ଗର କାର୍ଯ୍ୟରେ ବ୍ୟୟିତ ନ ହୋଇ ସାନଖେମଣ୍ଡି ରାଜାଙ୍କର ସ୍ମରଣାର୍ଥ କୌଣସି ସ୍ଥାୟୀ ଦେଶ ହିତକର କାର୍ଯ୍ୟରେ ନ୍ୟସ୍ତ କରାଯାଇଥିଲେ ଅଧିକତର ଯଶ ଓ ପୁଣ୍ୟଲାଭ ହୋଇଥାନ୍ତା । ସହଯୋଗିଙ୍କର ଏ ପ୍ରସ୍ତାବ ଉତ୍ତମ ଅଟେ ସନ୍ଦେହ ନାହିଁ । ଅମ୍ଭେମାନେ ମନେ କରୁ ଯେ ସାନଖେମଣ୍ଡିର ମୃତ ରାଜାଙ୍କର କିମ୍ବା ବର୍ତ୍ତମାନ ରାଜାଙ୍କର ଉତ୍ତରାଧିକାରୀ ବିଶେଷ ସାହାଯ୍ୟ ଲୋଡ଼ା ନ ଥିବେ । ସାଧାରଣ ବିଷୟରେ ବଙ୍ଗ ବାଙ୍ଗଳୀମାନଙ୍କ ଶୋକସମ୍ବାଦ ଶୁଣି ତହିଁରୁ ଉଦ୍ଧାର ପାଇବା ବିଷୟରେ ସହାନୁଭୂତି ଓ ସାହାଯ୍ୟ କାରଣ ନିମନ୍ତ୍ରଣପତ୍ର ପଠାଇଥିବେ । ବନ୍ଧୁ ବାନ୍ଧବାଦି ଭଗତ ଓ ବନ୍ଧ୍ୟାଦିରେ ଯାହା ଦିଅନ୍ତି ତାହାକୁ ଦାନ ନ କହି ବ୍ୟବହାର କୋଲଯାଏ । ବ୍ୟବହାରଟା ପ୍ରୀତି ଓ ସହାନୁଭୂତି ପ୍ରଦର୍ଶନର ପ୍ରମାଣ ଅଟେ । ବ୍ୟବହାରଟା ଯେଉଁଠାରେ ମୂଲ୍ୟବାନ ହୁଏ ସେଠାରେ ତାହା ଦେଶାର୍ଥ ସ୍ଥାୟୀ ହିତକର କାର୍ଯ୍ୟରେ ନ୍ୟସ୍ତ ହେଲେ ଅଧିକତର ଉପଯୋଗୀ ହେବ ଏ କଥା ଅନାୟାସରେ ବୋଲି ଯାଇ ପାରେ ।

ଏ ନଗରର ନୂତନ ମିଉନିସିପାଲ କମିଶନର ଦଳର ଗଠନ କାର୍ଯ୍ୟରେ ବିଳମ୍ବ ହେବା ହେତୁ "ଷ୍ଟାର ଅବ୍ ଉତ୍କଳଙ୍କର ଅତଙ୍କ" ତାହାଙ୍କର କେତେକ ଉକ୍ତି ସମ୍ବନ୍ଧରେ ଅମ୍ଭେମାନେ ଗତ ତା ୮ ସଂଖ୍ୟାରେ ଯେଉଁ କଥାମାନ ଲେଖିଥିଲୁଁ ତହିଁର ପ୍ରତିବାଦରେ ଷ୍ଟାର ଗତ ସଂଖ୍ୟାରେ ଗଣ୍ଡେ ପ୍ରେରିତପତ୍ର ବାହାରିଅଛି । ଲେଖକ ଦେଖାଇବାକୁ ଚେଷ୍ଟା କରିଅଛନ୍ତି ଯେ ଜାନକୀନାଥ ବାବୁ ମିଉନିସିପାଲିଟିକୁ ଦେଣଦାର କରାଇବାର ଅମ୍ଭେମାନେ ଯାହା ପ୍ରକାଶ କରିଅଛୁଁ ତାହା ଯଥାର୍ଥ ନୁହେ ଓ ପ୍ରକୃତରେ ତହିଁ ପୂର୍ବେ ଭାନ୍ତିର ଗୋଲକବିହାରୀ ଏବଂ ବାବୁ [illegible] ମିଉନିସିପାଲିଟିକୁ ଟ ୨୦,୦୦୦୯ ଙ୍କାର ଦେଣଦାର କରି ଯାଇଥିଲେ ଏବଂ ଜାନକୀ ବାବୁ ତହିଁର ଉଶୁଳ ଅଧିକ ଆଦାୟ କରିଥିଲେ । ଏକଥିପ୍ରେରକ ଅପଣାର ନାମ ଅଥବା କେଉଁ ସୂତ୍ରେ ସେ କଥା ବୁଝିଅଛନ୍ତି ପ୍ରକାଶ କରି ନାହାନ୍ତି । ସୁତରାଂ ତାହାଙ୍କର କଥାର ମୂଲ୍ୟ ନାହିଁ । ଆପଣ ଅଯଥାର୍ଥ କଥା କହି ଅନ୍ୟକୁ ମିଥ୍ୟାବାଦୀ କହିବା କେତେଦୂର ସଙ୍ଗତ, ଯେବେ ସେ ସ୍ୱୟଂ ତାହାଙ୍କର ଆତ୍ମା ଗୋପନ ନ କରି ଏଥିର ଲେଖିବାକୁ ସାହସୀ ହୋଇ ନ ଥାନ୍ତି । ଗୋଲକ ବିହାରୀ ବାବୁ ଏକ ଯୁଗ ହେଲା ପରଲୋକ ଗମନ କରିଅଛନ୍ତି ତାହାଙ୍କ ସମୟରେ ଏତେ ଦେଣ ଥିବାର ଯେବେ କେହି ପ୍ରକାଶ କରି ନ ଥିବା ସ୍ଥଳେ ଏତେ ଦିନେ ତାହାଙ୍କ ନାମରେ କଳଙ୍କ ଲଗାଇବା କେତେ ଅନ୍ୟାୟ ପାଠକମାନେ ବୁଝିପାରିବେ । ଭୋଲର ସାହେବ ସନ ୧୯୦୬ ସାଲ ଡିସେମ୍ବର ମାସରେ ବଦଳି ହୋଇ ଯିବାରୁ ଜାନକୀ ବାବୁ ଚେୟାରମ୍ୟାନ ମାନ ହେଲେ ଓ ସନ ୧୯୦୭ ସାଲ ଜୁନମାସ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହି ସମୟ ମଧ୍ୟରେ ମିଉନିସିପାଲିଟିର ଦେଣ ୧୨ ହଜାର ଟଙ୍କାରୁ ବଳି ଯାଇଥିଲା ଏବଂ ଏ କଥା ଯେଉଁ ସେତେବେଳେ ଆନ୍ଦୋଳନ ହୋଇଥିଲା ଏବଂ ଜଣେ ମାଜିଷ୍ଟ୍ରେଟ ଠାରୁ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଯେତେବେଳେ ଅସନ୍ତୋଷ ପ୍ରକାଶ କରିଥିଲେ ତାହା ପାଠକମାନଙ୍କୁ ଅବିଦିତ ନାହିଁ ଏବଂ ଗବର୍ଣ୍ଣମେଣ୍ଟଙ୍କ ପ୍ରକାଶିତ ମିଉନିସିପାଲିଟିର ବାର୍ଷିକ କାର୍ଯ୍ୟ ବିବରଣୀରେ ତହିଁର ନିଦର୍ଶନ ରହିଅଛି । ବର୍ତ୍ତମାନର ପତ୍ର ପ୍ରେରକ ଅଥବା ଯାହାଙ୍କଠାରୁ ବୁଝି ଶିଖି ସେ ଏତେ ପ୍ରତିବାଦ କରିବାକୁ ବାହାର ପଡ଼ିଲେ ସେ ସେତେବେଳେ ସେ କଥା ପ୍ରକାଶ କଲେ ନାହିଁ ବଡ଼ ଆଶ୍ଚର୍ଯ୍ୟର ବିଷୟ । ଉକ୍ତ ମତ ଧରାପଡ଼ିବା ଭୟରେ ସେତେବେଳେ ଲୁଚି ରହିଥିଲେ କି ? ପରନ୍ତୁ ପୂର୍ବରୁ ଏହି ଦେଣ ଘଟିଥିବାର ବୁଝାଗଲେ ମଧ୍ୟ ସେତେବେଳେ ବ ୨ ବର୍ଷକୁ ଉର୍ଦ୍ଧ୍ୱ କାଳ ରହି ସେ ତାହା ପରିଶୋଧ କରି ନ ପାରିଲେ ଅଥଚ ତାହାଙ୍କ ପଛରେ ଯେ ବ୍ୟକ୍ତି କାର୍ଯ୍ୟ ଗ୍ରହଣ କଲେ ସେ ମାତ୍ର ୩/୪ ମାସ ମଧ୍ୟରେ ତହିଁର ଅର୍ଦ୍ଧାଂଶରୁ ଅଧିକ ପରିଶୋଧ କଲେ କେବଳ ତାହାଙ୍କ ଦାୟୀ କରିବା ଅସଙ୍ଗତ ହେଲା କି ? ଅତଏବ ଏଥିର ମିଥ୍ୟାବାଦୀ ପାଠକମାନେ ବିଚାର କରନ୍ତୁ ?

ବାଲ୍ୟ ଶିକ୍ଷଣ ଯୋଜନା ।

ଓଡ଼ିଶାରେ ବାଲ୍ୟ ଶିକ୍ଷଣ ଯୋଜନା କ୍ରମାଗତ ବୃଦ୍ଧି ହେଉଅଛି । ସନ ୧୯୦୩।୪ ରେ ଏପ୍ରକାର ଯୋଜନା ୧୭୦୩୦ ଥିବା, ଏହା ହୋଇଥିବାସ୍ଥଳେ ସନ ୧୯୦୬।୭ ରେ

Digitized by srujanika@gmail.com

୧୮୭୮ ସାଲର ହୋଇଥିଲା ଯଥା:— କଟକରେ ୧୯୭୫, ପୁରୀରେ ୭୫୧୯ ଏବଂ ବାଲେଶ୍ୱରରେ ୭୩୫୮ । ରେଭିନ୍ୟୁ ବୋର୍ଡ ଦୁଇ ୨ ବର୍ଷପର ଏବର୍ଷର ବୃଦ୍ଧି କାରଣ ଏହି କହିଅଛନ୍ତି କି ଗତ ବନ୍ଦୋବସ୍ତରେ ଖଜଣା ବୃଦ୍ଧି ହେବା ହେତୁ ଜମିଦାରଙ୍କର ଲାଭ କମି ଯାଇଅଛି ତେଣୁ ସେମାନେ ପ୍ରଜାଙ୍କ ଉପରେ ଖଜଣା ବାକି ରଖି ଶୀଘ୍ର ଯାଉ ନାହାନ୍ତି ଏବଂ ଅନ୍ୟ ମତରେ ବନ୍ଦୋବସ୍ତ କାଗଜପତ୍ର ବାକି ପ୍ରମାଣ କରିବାର ସୁବିଧା ହୋଇଅଛି । କଟକ ଜିଲ୍ଲାରେ କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ମାହାଲମାନ ଅଦାଲତଙ୍କର ଆଦେଶରେ କମନ ମାନେଜରଙ୍କର ହାତକୁ ଆସିବା ହେତୁ ସେ ସମସ୍ତ ମାହାଲର ବାକି ଖଜଣାର ନାଲିଶ ସଙ୍ଖ୍ୟା ଅଧିକ । ପୁଣି ଜମିଦାରଙ୍କର କାର୍ଯ୍ୟର ବିଶୃଙ୍ଖଳା ହେତୁ ସେ ସମସ୍ତ ମାହାଲରେ ଅନେକ ବାକି ପଡ଼ିଥିଲା । ଏହି ଜଗତସିଂହପୁର ମାହାଲର କେତେକ ଅଂଶ ପୁରୀରେ ଥିବାରୁ ସେ ଜିଲ୍ଲାର ବାକି ଖଜଣାର ନାଲିଶ କେତେକ ପରିମାଣରେ ବଢ଼ିଅଛି ଏବଂ କେତେକ ଜମିଦାରୀ ପୁରୀ ରାଜାଙ୍କଠାରୁ କାଢ଼ିନିଆଯାଇ ବର୍ତ୍ତମାନ ତାହା ଭଲରୂପେ ସୁଶୃଙ୍ଖଳା ହେଉଥିବା ଏବଂ ଜାଗିର ମାହାଲର କାର୍ଯ୍ୟ ପୂର୍ବାପେକ୍ଷା ସବଳରେ ଚାଲୁଥିବା ପୁରୀ ଜିଲ୍ଲାର ବାକି ଖଜଣା ନାଲିଶ ବଢ଼ିବାର ଅନ୍ୟ କାରଣ ଅଟେ । ଗବର୍ଣ୍ଣମେଣ୍ଟ ବୋର୍ଡଙ୍କର ଉକ୍ତ ରିପୋର୍ଟ ସମାଲୋଚନାରେ ଏ ପ୍ରସଙ୍ଗରେ କିଛି କହି ନାହାନ୍ତି । ବନ୍ଦୋବସ୍ତରେ ପ୍ରଜାର ଖଜଣା ବୃଦ୍ଧି ଏବଂ ଜମିଦାରର ଲାଭ କମି ହୋଇଥିବା ସ୍ଥଳେ ବର୍ଷକୁବର୍ଷ ବାକି ଖଜଣା ନାଲିଶ ବୃଦ୍ଧି ହେଉଅଛି ଏ ଦୁଇ ଉଭୟେ କଷ୍ଟଭୋଗ କରୁଅଛନ୍ତି ଅଥଚ ଗବର୍ଣ୍ଣମେଣ୍ଟ ତେଣିକି ଦୃଷ୍ଟିପାତ ନ କରି ନିଶ୍ଚିନ୍ତ ରହି ଅଛନ୍ତି ଏହା ଦୁଃଖର ବିଷୟ ନୁହେ କି ? କେହି ଜମିଦାର କେହି ପ୍ରଜା ଠାରୁ ଖଲାସ ଉତ୍ପାତ ନ ଛୁଟିବାର ଶୁଣିଲେ ବାର୍ଷିକ ରିପୋର୍ଟରେ ତହିଁର ଉଲ୍ଲେଖ ଛାଡ଼ି ହେଉ ନାହିଁ । ମାତ୍ର ବାକି ଖଜଣା ନାଲିଶର ସଙ୍ଖ୍ୟାଧିକ୍ୟ ଓ ନେଷଲଦାରି ଜରିଆରେ ଜମିଦାର ଓ ପ୍ରଜାର ଯେତେ କଷ୍ଟ ହେଉଅଛି ତାହା ନିବାରଣର ଚେଷ୍ଟା ନ ହେବା ଆଶ୍ଚର୍ଯ୍ୟର ବିଷୟ ଅଟେ । ଜମିଦାର ଓ ପ୍ରଜାର ଉଭୟ ନିମନ୍ତେ ଖଜଣା ଆଦାୟର ଗୋଟିଏ ସହଜ ଉପାୟ ନିର୍ଦ୍ଧାରଣ ହେବା କାରଣ ଗବର୍ଣ୍ଣମେଣ୍ଟରେ ପୁଣି ପୁଣି ଆବେଦନ ହୋଇଥିବା ପ୍ରତ୍ୟକ୍ଷେ ଫଳପ୍ରଦ ହେବା ଉଚିତ ହେଉ ନାହିଁ । ଅତଏବ ଅମ୍ଭେମାନେ ଏ ବିଷୟ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଶୀଘ୍ର ମନୋଯୋଗ ପ୍ରାର୍ଥନା କରୁଅଛୁଁ ।

ଉତ୍କଳର ସମ୍ବାଦପତ୍ର ।

ଗତ ଚୈତ୍ରମାସର ଉତ୍କଳ ସାହିତ୍ୟରେ ଶ୍ରୀଗୋପାଳଚନ୍ଦ୍ର ପ୍ରହରାଜଙ୍କ ଲିଖିତ 'ଉତ୍କଳର ସାହିତ୍ୟର ଅଧୁନାତନ ଗତି' ଶୀର୍ଷକ ଏକ ପ୍ରବନ୍ଧ ବାହାରିଥିଲା । ତହିଁରେ ପ୍ରସଙ୍ଗକ୍ରମେ ଉତ୍କଳ ସମ୍ବାଦପତ୍ର ସମ୍ବନ୍ଧରେ ଲେଖାଥିଲା କି " ଉତ୍କଳରେ ସମ୍ବାଦପତ୍ରର ସଂଖ୍ୟା ବିଶେଷ ପରିମାଣରେ ବଢ଼ିଅଛି । କିନ୍ତୁ ସେହି ସମ୍ବାଦପତ୍ରମାନଙ୍କ ମଧ୍ୟରୁ କେତୋଟିର ଆଦର୍ଶ ଉଚ୍ଚତର ଭିତ୍ତିରେ ସ୍ଥାପିତ, ତାହା ପାଠକମାନେ ଅନୁଭବ କରୁଥିବେ । କେତେଟି ସମ୍ବାଦପତ୍ର ନିଜ ସ୍ୱାର୍ଥରୁ ଏକ ସମ୍ବାଦପତ୍ରର ପବିତ୍ର ସୀମାମଧ୍ୟରେ ପ୍ରବେଶ କରିଅଛନ୍ତି ତାହା ଭାବିଲେ ମର୍ମାହତ ହେବାକୁ ହୋଇଯାଏ । ପକ୍ଷାନ୍ତରେ, ଇଂରାଜୀ ଦାୟିତ୍ୱ ଓ ଦାୟିତ୍ୱ ଶୂନ୍ୟ ସମ୍ବାଦପତ୍ରାପେକ୍ଷା ଗୋଟିଏ ସୁପରିଚାଳିତ ଓ ଦାୟିତ୍ୱପୂର୍ଣ୍ଣ ସମ୍ବାଦପତ୍ର ଦେଶସମ୍ବନ୍ଧ ବିଷୟରେ ମଙ୍ଗଳକର ଏ କଥା ସମସ୍ତେ ସ୍ୱୀକାର କରିବେ " । ତହିଁ ଉତ୍ତାରୁ ଗତ ଅଗ୍ରହାୟଣର ଉତ୍କଳ ସାହିତ୍ୟରେ ପ୍ରକାଶିତ ଭାରତର ଜାତୀୟ ସମସ୍ୟା ଶୀର୍ଷକ ପ୍ରବନ୍ଧରେ ସମ୍ପାଦକ ଲେଖିଥିଲେ ଯେ " ଉତ୍କଳରେ ସମ୍ବାଦପତ୍ରର ଯେପରି ଅପବ୍ୟବହାର ହୋଇଅଛି ଓ ହେଉଅଛି ତାହା ଚିନ୍ତା କଲେ ହୃଦୟରେ ଗଭୀର କ୍ଷୋଭ ଜାତ ହୁଏ । ଏ ପର୍ଯ୍ୟନ୍ତ ଉଚ୍ଚ ଶିକ୍ଷାପ୍ରାପ୍ତ ବ୍ୟକ୍ତିଙ୍କର ସମ୍ବାଦପତ୍ର ଏ ଦେଶରେ ଗଢ଼ିଏ ସ୍ୱଳ୍ପ ବାହାରୁ ନାହିଁ । ଗଢ଼ିଏ ଅଧେ ଯାହା ବାହାରିଲେ ତାହା ଲୁପ୍ତ ବା ଉଦ୍ଦେଶ୍ୟରେ ଚଳିଅଛନ୍ତି ଏବଂ ସେ କାର୍ଯ୍ୟ ସାଧନ କରୁଅଛନ୍ତି ଅମ୍ଭେମାନେ ବୁଝିବାକୁ ଏକାନ୍ତ ଅକ୍ଷମ । ତାହା ଛଡ଼ା ଲେଖାରେ ମାଧୁର୍ଯ୍ୟ ନାହିଁ ବିଷୟରେ ଗୁରୁତ୍ୱ । ଅଧିକାଂଶ ଭୁଲ ବନାନ୍ତ ଅଶ୍ଳୀଳତା ଓ ଅଭଦ୍ର ଭାବରେ ପରିପୂର୍ଣ୍ଣ " । ଏହିଭଳି ପ୍ରବନ୍ଧର ଉତ୍କୃଷ୍ଟାଂଶରେ ଭାବ ସମାନ ବୋଲି କୁହାଯାଇପାରେ । ମାତ୍ର ପ୍ରଥମଟି କୌଣସି ଉତ୍କଳ ସମ୍ବାଦପତ୍ରର ଦୃଷ୍ଟି ଆକର୍ଷଣ କରିଥିବାର ଜାଣି ପାରି ନାହୁଁ । ମାତ୍ର ଶେଷଟିର ପ୍ରତିବାଦ ଦୁଇ ତିନି ସମ୍ବାଦପତ୍ରରେ ସାମାନ୍ୟରୂପେ ଏବଂ 'ଉତ୍କଳଦର୍ପଣ'ରେ ବିସ୍ତାରରୂପେ ବାହାରିଅଛି । କେବଳ ସ୍ଥାନ ଅଭାବ ଉତ୍କଳ ଆପଣାର ବଡ଼ ସ୍ୱାପଣ ହେବାରେ ଅଶାରେ ସନ୍ତୋଷ ପ୍ରକାଶ କରିଅଛନ୍ତି ଏଥିରେ କହିବା କିଛି ନାହିଁ । ଦର୍ପଣ କହନ୍ତି କି ସାହିତ୍ୟର ଲେଖକ ସମସ୍ତ ଉତ୍କଳ ସମ୍ବାଦପତ୍ରର ନିନ୍ଦା କରିଅଛନ୍ତି ମାତ୍ର ବଙ୍ଗାଳୀ ସହଯୋଗୀମାନଙ୍କର କ୍ରୋଧ ପ୍ରଶମିତ କରିବା ସକାଶେ ସେମାନଙ୍କୁ ଏଥିରୁ ଛାଡ଼ି ଦେବାର ଚେଷ୍ଟା କରିଅଛନ୍ତି । ସହଯୋଗୀ ଦର୍ପଣ ଠିକ୍ ବୁଝି ଅଛନ୍ତି ବୋଲି ଅମ୍ଭେମାନେ କଷ୍ଟପୂର୍ବକ କହିପାରୁ ନାହୁଁ । ଏମନ୍ତ ହୋଇପାରେ ଯେ ଉତ୍କଳ ସାହିତ୍ୟକୁ ତାହାଙ୍କର ଆକ୍ରମଣରୁ ରକ୍ଷା କରିବା ଉଦ୍ଦେଶ୍ୟରେ ସମ୍ପାଦକ ସେପରି କହିଅଛନ୍ତି । ସାମୟିକ ପତ୍ରିକା ହିସାବରେ ସାହିତ୍ୟକୁ ଖଣ୍ଡେ ଅଥବା ସମ୍ବାଦ ନ ଥିବାରୁ ଅଧେ ସମ୍ବାଦପତ୍ର କହିଲେ ବୋଧହୁଏ ଆଉ ଅସଙ୍ଗତ ହେବ ନାହିଁ । ଏ ବିଷୟରେ ସାହିତ୍ୟର ଅଭିପ୍ରାୟ ଜାଣିବାକୁ ଦର୍ପଣ ଇଚ୍ଛା ପ୍ରକାଶ କରିଅଛନ୍ତି । ଏଥିକୁ ଅମ୍ଭେମାନେ କହୁଁ କି ବଙ୍ଗ ୪୦ ବର୍ଷ କେତେ ଉତ୍ତ୍ରାଳ ପତ୍ରିକା ହେବାରେ ଧନ୍ୟ ସତ୍ୟ ସ୍ୱେଚ୍ଛା (?) ପୁଣି ପତ୍ରିକା କାହିଁକି ଯେ ସେ ପୂର୍ବକାଳର ପତ୍ରିକା ଏଣିକି ଶିକ୍ଷା ଓ ସଭ୍ୟତାର ଉନ୍ନତି ହେଲୁ ସେବେ ତାହା ତାହାର ମନକୁ ନ ପୋଷିଲେ ତେବେ ତହିଁରେ ଦୁଃଖ ନାହିଁ । ଉତ୍କଳରେ ପତ୍ରିକା ସମ୍ବାଦପତ୍ରର ପଥ ପ୍ରଦର୍ଶକ ହୋଇଅଛି ଏବଂ ଏ ପର୍ଯ୍ୟନ୍ତ ତାହାର ସ୍ଥାପକ ଓ ଉକ୍ତ ସ୍ଥାପକ ବୃଦ୍ଧ ଉପରେ ଅଛି ଈଶ୍ୱରଙ୍କର ଏହି ଆଶୀର୍ବାଦବଳରେ ସେ ସର୍ବଦା ବୃଦ୍ଧି । କେହି ବ୍ୟକ୍ତିର ମନକୁ ନ ଆସିଲେ ବୋଲି ତାକୁ କହିବା ଉଚିତ ନୁହେ । କାରଣ ସେ ତମ୍ଭ ଜର କହିପାରିବ ଯେ ତାହାର ବନ୍ଧୁର ଓ କର୍ତ୍ତବ୍ୟପରାୟଣତାରେ କିଛି ମାତ୍ର ତ୍ରୁଟି ନାହିଁ ? ପୁଣି ଯେ ପୁରୁଷ ତ୍ରୁଟି ଦେଖାଇଦିଏ ସେ ବନ୍ଧୁ ଓ ଯେ ଅନ୍ଧ ଭଣ ଦୋଷ ଦିଏ ସେ ସମସ୍ତରେ ଆପେ ଲଜ୍ଜିତ ଓ ଜନସାଧାରଣରେ ଲାଞ୍ଛିତ ହୁଏ । ଯେଉଁ ଦୁଇଜଣଙ୍କର ମତ ଉପରେ ଉଦ୍ଧୃତ ହୋଇଅଛି ସେମାନେ ଉତ୍କଳର ହିତାକାଂକ୍ଷୀ ଏବଂ ସାହିତ୍ୟର ଉନ୍ନତି କାମନାରେ ବିଶେଷ ଯତ୍ନବାନ୍ ବୋଲି ଜନସାଧାରଣରେ ପରିଚିତ । ସେମାନେ ସମ୍ବାଦପତ୍ରର ନିନ୍ଦା କରିବା ସକାଶେ କହିବା ମାତ୍ର କହିଁ ନ ଉନ୍ନତି ଦେଖିବା ଆଶାରେ ଯେପରି ଲେଖିଥିବାର ଅମ୍ଭେମାନେ ବିଶ୍ୱାସ କରୁଁ । ମାତ୍ର ଦର୍ପଣ ଯାହା ଯଥାର୍ଥ କହିଅଛନ୍ତି କି ସେମାନେ ଦେଶ ନାନା ସ୍ଥାନ ଅନୁସାରେ ବିଚାର କରିବାରେ ତ୍ରୁଟି କରିଅଛନ୍ତି ଏବଂ ଅମ୍ଭେମାନେ ମନେ କରୁଁ କି ଅତି ଶୀଘ୍ର ଉନ୍ନତି ଦେଖିବାର ଆବେଗରେ ଉତ୍ତେଜିତ ହୋଇ ଅଧ୍ୟକ୍ଷଙ୍କ ବର୍ଣ୍ଣିତ ଦୋଷରେ ଆପଣାକୁ ଅଜ୍ଞାତସାରେ ନିକ୍ଷେପ କରିଅଛନ୍ତି । ସେମାନେ ସ୍ଥିରମତରେ ବିଚାର କଲେ ଦେଖିବେ ଯେ ଶତବର୍ଷ ନ ଅଳ୍ପ କାଳରେ ଉତ୍କଳରେ ଅନେକ ସମ୍ବାଦପତ୍ର ଶୀଘ୍ର ବାହାରିଥିଲା ଓ

ଯାହାକୁ ଅଛ ମାତ୍ର ଭଲ୍ଲାସ ସାହିତ୍ୟ ଚର୍ଚ୍ଚା କରିଅଛୁ ଏବଂ ସେ ସମସ୍ତ ଲେଖକ ଅଙ୍ଗାର କଥାରେ ପଡ଼ନ୍ତି ଓ ବହୁ ଶିକ୍ଷଣୀୟ ବିଷୟ ନାହିଁ ଏମନ୍ତ ବୋଲିବାର ହେତୁ ଦେଖୁ ନାହୁଁ । ପ୍ରତ୍ୟହ ଦେଖା ଯାଉଅଛି ଯେ ପ୍ରତ୍ୟେକ ସମ୍ବାଦପତ୍ରରେ ପ୍ରତିସପ୍ତାହରେ ନାନା ବିଷୟର ଅଲୋଚନା ଏବଂ ଅନେକ ଲେଖକଙ୍କର ଅଭିମତ ପ୍ରକାଶ ହେଉଅଛି ଯହିଁମଧ୍ୟରେ କେତେକ ସାର ଓ କେତେକ ଅସାର ଅଛି ବରଂ ସାରଠାରୁ ଅସାରର ଭାଗ ଅଧିକ ହୋଇଥାଏ । ମାତ୍ର ବର୍ତ୍ତମାନ ଯେ ସ୍ଥଳେ ସମ୍ବାଦପତ୍ରର ଭୂମି ବଢ଼ିବାରେ ଅଛି ସେ ସ୍ଥଳେ ଆଶା କରୁଅଛି ଯେ କ୍ରମଶଃ ବିଶୃଙ୍ଖଳ ଉଦଗ୍ର-ଅବସ୍ଥାରେ ଲୋକେ ଭଲ ମନ୍ଦ ବାଛି ନେବାକୁ ସମର୍ଥ ହେବେ ଓ ଲେଲେବେଲେ ଅଯୋଗ୍ୟ ଲେଖକମାନେ ସର୍ବାନୁଭୂତ ହେଲା ଅଦୃଶ୍ୟ ହେବେ । ସମ୍ବାଦପତ୍ର ଓ ଉପରୋକ୍ତ ମାନଙ୍କଠାରେ ରଖିଅଛି ଲର ସାହିତ୍ୟର ଲେଖକଙ୍କଠାରେ ଅମ୍ଭମାନଙ୍କର ଏହି ଅନୁରୋଧ ଯେ ସେମାନେ ସାଧାରଣ ପ୍ରକାରେ ସକଳ ସମ୍ବାଦପତ୍ରର ନିନ୍ଦା ଘୋଷଣା ନ କରି କେବଳ ଅଧିକ ଶ୍ରମ ସ୍ୱୀକାରପୂର୍ବକ ପତ୍ରିକାବିଶେଷର ଦୋଷ ସମାଲୋଚନା କରିବାକୁ ପ୍ରବୃତ୍ତ ହେବେ । ତାହା ହେଲେ ଏକାଳ ଏ ଦୁଇ ଅଭେଦର ସାବଧାନର କାରଣ ହେବ ଏବଂ ଜ୍ଞାନ ଓ ବୁଦ୍ଧି ବଢ଼ିବା ପ୍ରତି ସାହାଯ୍ୟ କରିବ । ସମ୍ପାଦକ ଜାଣି ଲେଖକ ଦୋଷଗୁଣର ସମାଲୋଚନା କରୁଅଛି । ତାହାର ଦୋଷଗୁଣର ସମାଲୋଚନା ନ ହେବ କାହିଁକି ?

—o—

ପ୍ରାପ୍ତଗ୍ରନ୍ଥର ସଂକ୍ଷିପ୍ତ, ସମାଲୋଚନା ।

ନିମ୍ନ ଲିଖିତ ପୁସ୍ତକମାନ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ।

ଅଯୁକ୍ତ ଯୋଗ ।—ଶ୍ରୀ ମୁକ୍ତେଶ୍ୱର ଦାସଙ୍କଦ୍ୱାରା ବିରଚିତ ଏବଂ ପ୍ରକାଶିତ । ସମ୍ବଲପୁର ମଧ୍ୟ ଦେଶକୁ ଛତ୍ରିଶଗଡ଼ ହୋଇ ଓଡ଼ିଶା ସଙ୍ଗେ ମିଶିବାକୁ ଭାରତୀୟ ଲର୍ଡ କର୍ଜନ ମହୋଦୟ ସମ୍ବଲପୁରକୁ ଯାଇଥିବାରୁ ସେହି ଲାଟ ଦର୍ଶନ ଓ ଦେଶବିଭାଗ ସମ୍ବନ୍ଧରେ କ୍ଷୁଦ୍ର କବିତାଗୁଡ଼ିକ ରଚିତ ହୋଇ ପୁସ୍ତକାକାରରେ ସମ୍ବଲପୁର ଓ ପ୍ରେସର ପ୍ରିଣ୍ଟିଂ ଜାଗାରେ ମୁଦ୍ରିତ ଓ ଏକା ମୂଲ୍ୟରେ ପ୍ରକାଶିତ ହୋଇଅଛି, କବିତା ସରଳ, ସରସ ଏବଂ ସୁରୁଚି ସଙ୍ଗତ ଅଟେ । ସିଲ ଭୁଲ ଅନେକ ଥିବା ବିରକ୍ତ ଉଲ୍ଲଗ୍ନ ଏକାନ୍ତ ସନ୍ନିବେଶିତ ହେଲେ, ଅବଶ୍ୟ ହେବା ସ୍ୱାଭାବିକ ଏବଂ ଲେଖକଙ୍କ କବିତାକୁ ସେହି ଅନେକ ଧାର ଗଢ଼ିଅଛି । ସମ୍ବଲପୁରର ଦେଶ୍ଟିକ ଲୋକଙ୍କର ଅଦ୍ୟାପି ଉତ୍କଳ ସମ୍ମିଳନୀ ସ୍ଥଳ ଦିବ୍ୟ ଗ୍ଲାନି ଅଛି । ମାତ୍ର ତହିଁ ଦହିଅଛନ୍ତି " ମନ ଜାଣିଥିଲୁ ଚିନ୍ତା ହୋଇଛି ଅମ୍ଭର । ସେହି ପରି ଉପକାର ମିଳବ ପୁତ୍ରର ।" ପୁଣି "ଉତ୍କଳ ଅମ୍ଭ ସୌଭାଗ୍ୟବଳେ ବହିନ ଉଠୁଅ । ଏକମେଳ ହୋଇ ଅତି ଉଚ୍ଛାସୁଛ ହୁଅ ।" ଅମ୍ଭେମାନେ ଭରସା କରୁଁ ଏହି ସୁଯୋଗରେ ଅଙ୍ଗମ୍ୟ ଏ ଦେଶ ଓ ସମ୍ବଲପୁରବାସିମାନେ ପରସ୍ପର ଭ୍ରାତୃଭାବରେ ପ୍ରେମାଲିଙ୍ଗନ କରି ଉନ୍ନତି ପଥରେ ଅଗ୍ରସର ହେବେ ।

ସ୍ତବମାଳା ।—ଶ୍ରୀ ନିତ୍ୟାନନ୍ଦ ଘୋଷଙ୍କଦ୍ୱାରା ସଙ୍କଳିତ ଓ ଏ ନଗର ଅରୁଣୋଦୟ ଯନ୍ତ୍ରରେ ପ୍ରକାଶିତ । ଏଥିରେ ବୃହସ୍ପତି ସ୍ତବ, ଯଷ୍ଠି ନବେଦନ, କ୍ଷୟଦେବ ଭୂତ ଦଶାବତାର ସ୍ତବ, ଲକ୍ଷ୍ମୀ ସ୍ତବ, ଭାଗବତ ସ୍ତବ ଏବଂ ରାଧିକା, ଚୈତନ୍ୟ ନିତ୍ୟ, ଦୁର୍ଗା, ଜଗନ୍ନାଥ ଇତ୍ୟାଦି ନାନା ପ୍ରକାର ସ୍ତବ ସ୍ତୁତି ସଙ୍କଳିତ ହୋଇଅଛି । ମୂଲ୍ୟ ୮୦ ଦୁଇଅଣା ମାତ୍ର ।

ଉପହାରପଦ୍ମ ।—ଶ୍ରୀ ଶ୍ୟାମସୁନ୍ଦର ମହାନ୍ତିଙ୍କଦ୍ୱାରା ପ୍ରଣୀତ ଓ ଦର୍ପଣ ଯନ୍ତ୍ରରେ ମୁଦ୍ରିତ । ଶ୍ୟାମସୁନ୍ଦର ମହାନ୍ତି ଉତ୍କଳ ପାଠକ ସମୀପରେ ଅପରିଚିତ ନୁହନ୍ତି । ତାଙ୍କର ରଚିତ ପୁସ୍ତକମାନ ଇତି ପୂର୍ବେ ଅମ୍ଭେମାନେ ସମାଲୋଚନା କରି ଅଛୁଁ । ଏ ଗ୍ରନ୍ଥ ଏକ କ୍ଷୁଦ୍ର କବିତା ପୁସ୍ତକ ଅଟେ ଏବଂ ଅମୂଲ୍ୟ ଶେଷ ପର୍ଯ୍ୟନ୍ତ ସମସ୍ତ ଅକ୍ଷରାନ୍ତ ପଦରେ ସନ୍ନିବେଶିତ ବନ୍ଧ ଏହାର ନାମ ପଦ୍ମ ହୋଇଅଛନ୍ତି । କେବଳ ସ୍ଥଳରେ ସମଭାବ ଅନୁରୋଧରେ କବିତା ସ୍ଥାନେ ଅତି ଥୋଇଲା ପରି ଲଗା ଯାଉଥିଲେହେଁ ପୁସ୍ତକ ସମ୍ପୂର୍ଣ୍ଣ ପଦ କବିତା ଅଧିକାଂଶ ମଧୁର, କୋମଳମୟ ଓ ସୁପାଠ୍ୟ ହୋଇଅଛି । ନମୁନା ଯଥା;—

"ଶଶି ବସ୍ତ୍ର ଏବେଶ ସୁଖ ପଲଙ୍କ ସୁପାଶ । ଶଶି ଧନ ଦେବେଶ ଶିବେଶ ପ୍ରମଥ ଅଗଣ । ମଣିରୁ ଅଧିକ କରି ଗୋଟିକ ରମଣୀ । ମଣିରୁ ନାହିଁ ଶିରୋମଣି ଭବ ରୂପମଣି !" ଅତ୍ୟୋପାନ୍ତ କଠିନ ଶବ୍ଦମାନଙ୍କର ଅର୍ଥ ଟିପ୍ପଣୀରେ ପ୍ରକାଶିତ ହୋଇଥିବାରୁ ପଢ଼ିବା ପକ୍ଷେ ବଡ଼ କଷ୍ଟ ହେବ ନାହିଁ । ଅମ୍ଭେମାନେ ଭରସାକରୁଁ ଉତ୍କଳବାସୀ ମାନେ ଏହା ପାଠ କରି ଲେଖକଙ୍କୁ ଉତ୍ସାହିତ କରିବେ । ଅନାବୃତ ଉପହାର ଦିଗି ଦେବା ସଙ୍ଗତ ନୁହଇ ।

ପ୍ରସୂନ ।—ଶ୍ରୀ ଚନ୍ଦ୍ରଶେଖର ନନ୍ଦଙ୍କଦ୍ୱାରା ପ୍ରଣୀତ ଓ ଉତ୍କଳସାହିତ୍ୟ ପ୍ରେସରେ ମଧୁସୂଦନ ଦକ୍ଷିଣ ସଭା ଶ୍ରୀ ଗଉରର ନାଗଭୂଷଣଚନ୍ଦ୍ର, ଧୀର ଓ ବୀରେନ୍ଦ୍ର,ବହାଦୁର ପ୍ରଶଂସିତ । ପୁସ୍ତକ ପୁଣି ରଚିତ ପାରେ ମାତ୍ର ଲକ୍ଷ୍ମୀ ଚଳି ପାରଇ ନାହିଁ ଚନ୍ଦ୍ରଶେଖର ବାବୁଙ୍କର ଏଥିରେ ପ୍ରକାଶିତ ପ୍ରବନ୍ଧମାନ ଉତ୍କଳସାହିତ୍ୟପତ୍ରରେ ପ୍ରକାଶିତ ହୋଇଥିବାରୁ ପାଠକେ ଇତିର ସ୍ୱଶ ପୂର୍ବରୁ ଅବଗତ ଅଛନ୍ତି । ସେ ସବୁ ଲେଖାଙ୍କର ଚିନ୍ତାଶୀଳତା ଓ ଅଭିଜ୍ଞତା ସୁନ୍ଦର ସ୍ୱଭାବ ପରିଚୟ ଦେଉଅଛି । ପ୍ରବନ୍ଧମାନ ବେଶ ସୁଖପାଠ୍ୟ ସେହିପରି ସୁଶିକ୍ଷା ଓ ସୁନୀତିପୂର୍ଣ୍ଣ ଅଟେ । ମଧୁସୂଦନ ରାଜା ମହୋଦୟ ସେମାନ ଏକତ୍ର କରି ପୁସ୍ତକାକାରରେ ଛପା କରାଇ ଦେଇଥିବାରୁ ଏକଥିରେ ପ୍ରବନ୍ଧମାନ ପାଠ କରିବାର ସୁବିଧା ହେଲା ଓ ଅନ୍ୟ ପକ୍ଷରେ ତାହା ଉତ୍କଳଭାଷାର ପ୍ରଧାନ ଅଙ୍ଗ ସ୍ୱରୂପ ଗଣିତ ହୋଇ ରହିଗଲା । ଅମ୍ଭେମାନେ ଏହାକୁ ଆଦ୍ୟୋପାନ୍ତ ପଢ଼ି ସୁଖୀ ହୋଇଅଛୁଁ ଏବଂ ଗୁଣୀ ଲେଖକ ଓ ତାହାଙ୍କ ଉନ୍ନତି ଥିବା ପ୍ରକାଶକ ଉଭୟଙ୍କୁ ସେଥିପାଇଁ ଧନ୍ୟବାଦ ଦେଉଅଛୁଁ । ଉତ୍କଳରେ ଏପରି ଚିନ୍ତାଶୀଳ ଲେଖକର ସଂଖ୍ୟା ବୃଦ୍ଧି ହୁଏ ତେବେ ମଙ୍ଗଳ ।

ଜାଗରଣ ।—ଶ୍ରୀ ହରିନାଥ ବସୁଙ୍କ ପ୍ରଣୀତ ଏବଂ ଦକ୍ଷିଣ ନକଥା ପ୍ରେସରେ ମୁଦ୍ରିତ । ମୂଲ୍ୟ ୫୦ ଏହା ବଙ୍ଗଭାଷାରେ ଲିଖିତ ଖଣ୍ଡିଏ ନାଟକ । ଲେଖକ ମନରେ ସ୍ୱଦେଶୀ ଭାବ ଜାଗ୍ରତ କରାଇ ଆପଣାର ଉନ୍ନତି ସଙ୍ଗେ ସ୍ୱଦେଶର ଉନ୍ନତି କରିବା ମାନେ ଲୋକଙ୍କ ଉତ୍ସାହିତ କରିବା ଏହି ନାଟକର ଉଦ୍ଦେଶ୍ୟ ଅଟେ । ଉଦ୍ଦେଶ୍ୟଟି ଯେ ମହତ୍ ଏଥିରେ ସନ୍ଦେହ ନାହିଁ ଏବଂ ତୃଣସ୍ଥିତ ପଣ୍ଡିତଙ୍କଦ୍ୱାରେ ସେ ଉଦ୍ଦେଶ୍ୟ ସାଧନ କରିଥିବାର ଅମ୍ଭେମାନେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ଅମ୍ଭମାନଙ୍କ ଦେଶର ଲୋକମାନେ ଜନ୍ମର ସାହେବଙ୍କ ଶୋଷଣ ନ କରି ଧନ ଦେବାକୁ ବାଞ୍ଛା କରନ୍ତି ଏବଂ ସାହେବମାନେ ତାଙ୍କର ଶାନ୍ତ ପଳ ଦ୍ୱାରା, ଜମୁପ ସେମାନଙ୍କୁ ଅମନୁଷ୍ୟ ହେତୁ ଘୃଣା କରନ୍ତି ନଡ଼ଲୋକମାନେ ଜଳ୍ପ ଅଜାଣ ସ୍ୱଦେଶ ଦ୍ରୋହୀ ହୋଇ ରହିଅଛନ୍ତି ଏବଂ ସେମାନେ ଲୋକଙ୍କ ଦୃଷ୍ଟିର ବିରୂପ ଅଯତ୍ନ ହୋଇ ଜୀବନରକ୍ଷା ପାଉଅଛନ୍ତି, ଇଂରେଜୀ ଶିକ୍ଷିତ ପ୍ରଣାଳୀର ଅନୁଷ୍ଠାନରତା ଜାତୀୟ ବିଷୟଦ୍ୟୋତକ ଅନୁଷ୍ଠାନ ବାଲକମାନଙ୍କର ସ୍ୱଦେଶପରାୟଣତା ଏବଂ ସ୍ତ୍ରୀମାନଙ୍କର କର୍ତ୍ତବ୍ୟନିଷ୍ଠା ଓ ସ୍ୱଦେଶାନୁରାଗ ପ୍ରଭୃତି ଅତି ସୁନ୍ଦରରୂପେ ପ୍ରଦର୍ଶିତ ହୋଇଅଛି । ପ୍ରତ୍ୟେକ ସହୃଦୟ ଦେଶହିତୈଷୀ ଲୋକର ଏହା ପାଠକରିବା ଉଚିତ ।
